“ ନୀରବତା ଓ ଧୈର୍ଯ୍ୟ ଦୁଇଟି ବଡ଼ ଗୁଣ। ନୀରବତା ଦ୍ୱାରା ସମସ୍ତ ପରିସ୍ଥିତିକୁ ସାମ୍ନା କରାଯାଇପାରେ, ଧୈର୍ଯ୍ୟ ଦ୍ୱାରା ସମସ୍ତ ବିପଦକୁ ପାର କରାଯାଇପାରେ। ”

# ଓଡ଼ିଶା ନିଶବ୍ଦ

ସାପ୍ତାହିକ ଖବର କାଗଜ

THE ODISHA NISHABDA

ORORI/26/A4490

ODISHA NISHABDA LIVE ଓଡ଼ିଶା ନିଶବ୍ଦ

Follow Us: odishanishabda

odishanishabda

www.odishanishabda.com

epaper.odishanishabda.com

Vol–1 ■ Issue–4 ■ 30th July-5th August 2026 ■ Weekly ■ Bhubaneswar ■ Page–8 ■ Price–5.00 ■ ବର୍ଷ–୧ ■ ସଂଖ୍ୟା–୪ ■ ୩୦ ଜୁଲାଇ–୫ ଅଗଷ୍ଟ ୨୦୨୬ ■ ସାପ୍ତାହିକ ■ ଭୁବନେଶ୍ୱର ■ ପୃଷ୍ଠା–୮ ■ ମୂଲ୍ୟ–୫.୦୦


# ଇଣ୍ଡିଆନ୍ ଆଇଡଲ୍ ଚାମ୍ପିୟନ ଜ୍ୟୋତିର୍ମୟୀଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

- ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କଲେ
- ନୂଆ ପିଢିର କଣ୍ଠଶିଳ୍ପୀଙ୍କ ପାଇଁ ପ୍ରେରଣା ହେଉଛନ୍ତି ଜ୍ୟୋତିର୍ମୟୀ



**ଭୁବନେଶ୍ୱର:** ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଚଳିତ ବର୍ଷର ଇଣ୍ଡିଆନ୍ ଆଇଡଲ୍- ସିଜିନ୍ ୧୬ର ବିଜେତା ଜ୍ୟୋତିର୍ମୟୀ ନାୟକଙ୍କୁ ତାଙ୍କ ସରକାରୀ ବାସଭବନରେ ସମ୍ବର୍ଦ୍ଧିତ କରିଛନ୍ତି। ଏଥି ସହିତ ଜ୍ୟୋତିର୍ମୟୀଙ୍କ ଅସାଧାରଣ କୃତିତ୍ୱ ପାଇଁ ମୁଖ୍ୟମନ୍ତ୍ରୀ ୫ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛନ୍ତି। ଜ୍ୟୋତିର୍ମୟୀ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ସରକାରୀ ବାସଭବନରେ ଭେଟି ଇଣ୍ଡିଆନ୍ ଆଇଡଲ୍ ଟ୍ରଫି ପ୍ରଦର୍ଶନ କରିବା ସହିତ ଇଣ୍ଡିଆନ୍ ଆଇଡଲ୍'ର ସଫଳତା ପଛରେ ଥିବା ତାଙ୍କ କଠିନ ପରିଶ୍ରମ ଓ ଅଧ୍ୟବସାୟ ବିଷୟରେ ବର୍ଣ୍ଣନା କରିଥିଲେ। ମୁଖ୍ୟମନ୍ତ୍ରୀ ଜ୍ୟୋତିର୍ମୟୀଙ୍କ ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ନିଜର ଅସାଧାରଣ ପ୍ରତିଭା ଓ କଠିନ ସାଧନା ବଳରେ ଜାତୀୟ ସ୍ତରରେ ବିଜେତା ହୋଇ ରାଜ୍ୟ ପାଇଁ ସେ ଗୌରବ ଆଣିଛନ୍ତି ବୋଲି କହିଥିଲେ। ନୂଆ ପିଢିର କଣ୍ଠଶିଳ୍ପୀଙ୍କ ପାଇଁ ଜ୍ୟୋତିର୍ମୟୀ ଏକ ପ୍ରେରଣା ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ।

ସୂଚନାଯୋଗ୍ୟ ଯେ, ଜ୍ୟୋତିର୍ମୟୀ ତାଙ୍କର ସଙ୍ଗୀତ ପ୍ରତିଭାକୁ ଚିକିତ୍ସା କ୍ଷେତ୍ରରେ ମଧ୍ୟ ଉପଯୋଗ କରୁଛନ୍ତି। ରାଜ୍ୟର ଅନେକ କ୍ୟାନ୍ସର ହସ୍ପିଟାଲରେ ମ୍ୟୁଜିକ୍ ଥେରାପି ପ୍ରୟୋଗ କରି ସେମାନଙ୍କ କଷ୍ଟ ଲାଘବ କରିବାରେ ସହାୟତା କରିଛନ୍ତି। ତାଙ୍କର ଏହି ବିରଳ ପ୍ରତିଭା ଓ ସେବା ମନୋଭାବର ଉଚ୍ଚ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସେ ସାରା ରାଜ୍ୟ ତଥା ଦେଶର ଏକ 'ଯୁବ ଆଇକନ୍'। ସଙ୍ଗୀତକୁ ରୋଗୀଙ୍କ ସେବା କ୍ଷେତ୍ରରେ ବ୍ୟବହାର କରିବାର ଏହି ଉଦ୍ୟମ ଆଗାମୀ ଦିନରେ ଏକ ନୂଆ ଟ୍ରେଣ୍ଡ୍ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ। ଜ୍ୟୋତିର୍ମୟୀଙ୍କ ଭଳି ଯୁବ ପ୍ରତିଭାଙ୍କ ନିଷ୍ଠା ଓ ଉଦ୍ୟମ ସମୃଦ୍ଧ ଓଡିଶା ଓ ବିକଶିତ ଭାରତ ଗଠନର ସ୍ୱପ୍ନକୁ ସାର୍ଥକ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଜ୍ୟୋତିର୍ମୟୀଙ୍କ ଏହି ଯାତ୍ରାରେ ରାଜ୍ୟବାସୀ ବିପୁଳ ଉତ୍ସାହର ସହ ସମର୍ଥନ କରିଥିବାରୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଜାତୀୟ ସ୍ତରର କୃତିତ୍ୱ ସମଗ୍ର ରାଜ୍ୟବାସୀଙ୍କ ପାଇଁ ଏକ ସ୍ମରଣୀୟ ଅଧ୍ୟାୟ ଏବଂ ଏହା ଓଡିଶାର କଳା ପ୍ରତିଭାକୁ ଜାତୀୟ ସ୍ତରରେ ଆହୁରି ଉଜ୍ଜ୍ୱଳ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ଜ୍ୟୋତିର୍ମୟୀଙ୍କ ପିତା ଚକ୍ରଧର ନାୟକ ଓ ମାତା ଗୌରୀ ନାୟକ ଉପସ୍ଥିତ ଥିଲେ।

# ବନ୍ୟା ସ୍ଥିତିର ମୁକାବିଲା ପାଇଁ ସରକାର ସମ୍ପୂର୍ଣ୍ଣ ସଜାଗ

**ଭୁବନେଶ୍ୱର :** ରାଜ୍ୟରେ ଲଘୁଚାପଜନିତ ଲଗାଣ ବର୍ଷାଜନିତ ସୃଷ୍ଟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ରାଜ୍ୟସରକାର ତଥା ସମସ୍ତ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ସହ ସାଧାରଣ ଲୋକେ ପ୍ରଶାସନିକ ସେବା ଏବଂ ସହାୟତା ନେଇ ସୁରକ୍ଷିତ ରହିବାକୁ ମନ୍ତ୍ରୀ ଶ୍ରୀ ପୂଜାରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି । ଏଥିସହିତ ସମସ୍ତ ଜିଲ୍ଲାପ୍ରଶାସନ ଏବଂ ଅନ୍ୟାନ୍ୟ ବିଭାଗମାନଙ୍କୁ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ନିମନ୍ତେ ସମନ୍ୱିତ

- ବନ୍ୟା ପରିଚାଳନା ନିମନ୍ତେ ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲା ପାଇଁ ସ୍ୱତନ୍ତ୍ର ଅଧିକାରୀ ନିୟୋଜିତ
- ଧନଜୀବନର ସୁରକ୍ଷା ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ
- ରାତିସାରା ଖୋଲା ରହିବ ଏସଆରସି କାର୍ଯ୍ୟାଳୟ ; ପ୍ରଭାବିତ ଅଞ୍ଚଳରେ ସ୍ଥାନାନ୍ତରଣ ତ୍ୱରାନ୍ୱିତ କରିବାକୁ ରାଜସ୍ୱ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ହୋଇ କାର୍ଯ୍ୟ କରିବାକୁ ମନ୍ତ୍ରୀ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନାଯୋଗ୍ୟ ଯେ, ଆନନ୍ଦପୁର ଏବଂ ଆଖୁଆପଦା ଠାରେ ବୈତରଣୀ ଏବଂ ଜଳକା ନଦୀରେ ଜଳପତ୍ତନ ବୃଦ୍ଧି ପାଇ ବିପଦ ସଙ୍କେତଠୁଁ ଉପରେ ପ୍ରବାହିତ ହେଉଥିବା ବେଳେ କେତେକ ସ୍ଥାନରେ ବ୍ରାହ୍ମଣୀ ଏବଂ ସୁବର୍ଣ୍ଣରେଖା ନଦୀର ଜଳପତ୍ତନ ଚିନ୍ତାଜନକ ସ୍ଥିତିରେ ରହିଛି। ଗତ ଚବିଶ ଘଣ୍ଟାରେ ବାଲେଶ୍ୱର ଜିଲ୍ଲାରେ ସର୍ବାଧିକ ବୃଷ୍ଟିପାତ





ହୋଇଥିଲା ବେଳେ ଭଦ୍ରକ ଏବଂ ଯାଜପୁର ଜିଲ୍ଲାରେ ମଧ୍ୟ ବର୍ଷା ଯୋଗୁଁ ଅନେକ ଅଞ୍ଚଳ ପ୍ରଭାବିତ ହୋଇଛି । ଏହି ପରିପ୍ରେକ୍ଷୀରେ ଏହି ସବୁ ଜିଲ୍ଲାରେ ନଦୀଗୁଡିକରେ ଜଳସ୍ତର ବୃଦ୍ଧି ଉପରେ ନଜର ରଖିବା ପାଇଁ ରାତିସାରା ଏସଆରସି କାର୍ଯ୍ୟାଳୟ ଖୋଲା ରଖିବାକୁ ନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି । ମନ୍ତ୍ରୀ ଆହୁରି କହିଛନ୍ତି ଯେ, ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧିକୁ ଦୃଷ୍ଟିରେ ରଖି ତଳିଆ ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି। ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାରେ ଏନଡିଆରଏଫ୍ ଏବଂ ଓଡ୍ରାଫ୍ ଟିମ୍ ମୁତୟନ ଥିବାବେଳେ ସମସ୍ତ ଜିଲ୍ଲାପାଳ ଓ ବିଡିଓଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପୋଲିସ୍ ବିଭାଗ ପକ୍ଷରୁ ରାତ୍ରିକାଳୀନ ପେଟ୍ରୋଲିଂ



ସହ ଶିଶୁ ଏବଂ ମହିଳାମାନଙ୍କର ସୁରକ୍ଷାକୁ ଦୃଷ୍ଟିରେ ରଖି ମହିଳା ପୋଲିସ ମଧ୍ୟ ନିୟୋଜିତ ହୋଇଛନ୍ତି। ଆଶ୍ରୟସ୍ଥଳୀମାନଙ୍କରେ ସାଧରଣ ଲୋକଙ୍କୁ ରନ୍ଧାଖାଦ୍ୟ ସହ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ଯୋଗାଇ ଦିଆଯାଉଛି । ବନ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ ହେଲେ ସେମାନଙ୍କ ବାସଗୃହ ଏବଂ ଧନସମ୍ପତ୍ତିର ସୁରକ୍ଷା ନିମନ୍ତେ ପୋଲିସ୍ ବିଭାଗ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗ, ପଶୁସମ୍ପଦ ବିଭାଗ ଓ ଅନ୍ୟ ସମସ୍ତ ବିଭାଗକୁ ପ୍ରସ୍ତୁତ ରଖାଯାଇଥିବା ବେଳେ ଗୃହପାଳିତ ପଶୁମାନଙ୍କ ସୁରକ୍ଷା ବ୍ୟବସ୍ଥା ସହ ସେମାନଙ୍କ ପାଇଁ ପର୍ଯ୍ୟାପ୍ତ ଗୋଖାଦ୍ୟ ମହଜୁଦ ରଖାଯାଇଛି । ସର୍ପାଘାତକୁ ଦୃଷ୍ଟିରେ ରଖି ପ୍ରଭାବିତ ଅଞ୍ଚଳରେ ପର୍ଯ୍ୟାପ୍ତ ଔଷଧ ଏବଂ ଇଞ୍ଜେକସନ୍ ମହଜୁଦ ରହିଛି। ଏହି ପରିପ୍ରେକ୍ଷୀରେ ବନ୍ୟା ପରିସ୍ଥିତିର ମୁକାବିଲା ଲାଗି ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ସହ ଲୋକମାନେ ଭୟଭୀତ ନହୋଇ ସତର୍କ ଓ ସୁରକ୍ଷିତ ରହିବାକୁ ନିବେଦନ କରିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ସେହିପରି ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ବାସଗୃହ ଅଥବା ଚାଷଜମି ନିମନ୍ତେ ଜନସାଧାରଣଙ୍କୁ ତ୍ୱରିତ କ୍ଷତିପୂରଣ ପ୍ରଦାନ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି । ରାଜ୍ୟର ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷ ୨୪ X ୭ ପରିସ୍ଥିତି ଉପରେ ନଜର ରଖିଥିବା ବେଳେ ନିୟମିତ ଜିଲ୍ଲା ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷ ସହ ଯୋଗାଯୋଗରେ ରହିଛି। ଏଥିସହିତ ବନ୍ୟା ମୁକାବିଲା, ପ୍ରସ୍ତୁତି, ସ୍ଥାନାନ୍ତରଣ, ଜନସାଧାରଣଙ୍କ ସୁରକ୍ଷା ଏବଂ ସାମଗ୍ରିକ ସୁବ୍ୟବସ୍ଥିତ ପରିଚାଳନା ସୁନିଶ୍ଚିତ କରିବା ନିମନ୍ତେ ତିନି ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ଭଦ୍ରକ ଜିଲ୍ଲା ନିମନ୍ତେ ସୁଧାଂଶୁ ମୋହନ ସାମଲ, ବାଲେଶ୍ୱର ଜିଲ୍ଲା ନିମନ୍ତେ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଯାଜପୁର ଜିଲ୍ଲା ନିମନ୍ତେ ପି. ଅନ୍ୱେଷା ରେଡ୍ଡୀଙ୍କୁ ସ୍ୱତନ୍ତ୍ର ଭାବେ ଦାୟିତ୍ୱ ଦିଆଯାଇଛି ।

ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ପୋଲିସ୍ ଡିଜି ୱାଇ ବି ଖୁରାନିଆ, ଅଗ୍ନିଶମ ବିଭାଗର ଡିଜି ସୁଧାଂଶୁ ଷଡ଼ଙ୍ଗୀ,ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ୍, ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

## ବନ୍ୟାର ପ୍ରଭାବ: ୮ ଜିଲ୍ଲା ପ୍ରଭାବିତ, ୩ ମୃତ

ରାଜ୍ୟରେ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସଜାଗ ରହିଛନ୍ତି। ବନ୍ୟା ମୁକାବିଲା ଏବଂ ରିଲିଫ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସୂଚନା ଅନୁଯାୟୀ ବନ୍ୟା ପ୍ରଭାବିତ ୮ଟି ଜିଲ୍ଲାର ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। କୌଣସି ବି ଜରୁରୀ ସ୍ଥିତିର ସାମ୍ନା କରିବାକୁ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ପୁଲିସ ଏବଂ ଅଗ୍ନିଶମ ବାହିନୀକୁ ମୁତୟନ କରାଯାଇଛି। ଏହି ବନ୍ୟାରେ ଏଯାଏଁ ୩ ଜଣଙ୍କ ଜୀବନ ଯାଇଥିବା ବେଳେ ୨ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ସୁରକ୍ଷା ଦୃଷ୍ଟିରୁ ପ୍ରାୟ ୨୭ ରୁ ୩୦ ହଜାର ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ବିଭିନ୍ନ ପ୍ରଭାବିତ ଅଞ୍ଚଳରେ ଡାକ୍ତରୀ ଟିମ୍ ମୁତୟନ ହୋଇ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଉଛନ୍ତି। ମହାନଦୀର ଉପର ମୁଣ୍ଡରେ ଲଗାଣ ବର୍ଷା ଜାରି ରହିଥିବାରୁ ହୀରାକୁଦ ଜଳଭଣ୍ଡାର ଏବଂ ଅନ୍ୟାନ୍ୟ ଜଳଭଣ୍ଡାର ଉପରେ କଡ଼ା ନଜର ରଖାଯାଇଛି। ଆବଶ୍ୟକ ପଡ଼ିଲେ ହୀରାକୁଦର ଅଧିକ ଗେଟ୍ ଖୋଲାଯିବ ବୋଲି ସୂଚନା ମିଳିଛି।






ଭୁବନେଶ୍ୱର ଠାରେ ପୂଜ୍ୟ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଜୀବନୀ ଓ ସାଧନା ଆଧାରିତ ପୁସ୍ତକ 'ବେଦାନ୍ତ କେଶରୀ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ : କୃତି ଓ ବ୍ୟକ୍ତିତ୍ୱ' ଉନ୍ମୋଚନ ସମାରୋହରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରକାର୍ଯ୍ୟବାହ ମାନନୀୟ ଦତ୍ତାତ୍ରେୟ ହୋସବାଲେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଅନ୍ତର୍ଜାତୀୟ କ୍ରିୟାଯୋଗ ସଂଗଠନର ଆଧାତ୍ମିକ ମୁଖ୍ୟ ପୂଜ୍ୟ ସ୍ୱାମୀ ପରମହଂସ ପ୍ରଜ୍ଞାନାନନ୍ଦ, 'ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ସ୍ମୃତି ନ୍ୟାସ'ର ଅଧ୍ୟକ୍ଷ ସ୍ୱାମୀ ଜୀବନ ମୁକ୍ତାନନ୍ଦ ଏବଂ ନ୍ୟାସର ପରିଚାଳନା ଟ୍ରଷ୍ଟି ମନସୁଖଲାଲ ସେଠିଆଙ୍କ ସହ ଯୋଗଦେବା ମୋର ସୌଭାଗ୍ୟ ।

# ୪ ମାସରେ ଆଁ କଲା ୪.୨୦ କୋଟିର ନୂଆ ମୁଖ୍ୟମନ୍ତ୍ରୀ ସଡ଼କ



**ବାଲିପାଟଣା:** ୨ଟି ବ୍ଲକ୍‌ର ୩୦ ଗାଁର ଲୋକଙ୍କ ଯାତାୟାତ ପାଇଁ ବନମାଳୀପୁର-ଅପୂଜା ଭାୟା ଭାକରସାହି ରାସ୍ତାକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନବୀକରଣ କରାଗଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ୪କୋଟି ୨୦ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲା। କିନ୍ତୁ କାମ ସରିବାର ମାତ୍ର ୪ମାସ ବିତିନି, ରାସ୍ତା ଫାଟି ଆଁ କରିଛି। ଠାଏ ଠାଏ ଦବିଯିବାରୁ ରାସ୍ତା ଦୁଇ ଫାଳ ହୋଇଯାଇଥିବା ଭଳି ଦେଖାଯାଉଛି। ସେହିଭଳି କିଛି ଜାଗାରେ ରାସ୍ତା କଡ଼ ଏମିତି ଦବିଛି ଯେ ସୁରକ୍ଷାବାଡ଼ ଉପୁଡ଼ି ମାଟି କାମୁଡ଼ି ପଡ଼ିଛି। ନୂଆ ରାସ୍ତାର ଏଭଳି କଦର୍ଯ୍ୟ ଅବସ୍ଥା ସ୍ଥାନୀୟ ଲୋକଙ୍କ ଭିତରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ଠିକାସଂସ୍ଥା ନିମ୍ନମାନର କାମ କରିଥିବାରୁ ରାସ୍ତା ଦବିଯାଇଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ବିଭାଗୀୟ ଯନ୍ତ୍ରୀମାନଙ୍କର କାମ ତଦାରଖରେ ଅବହେଳା ପାଇଁ ଏଭଳି ସ୍ଥିତି ଉପୁଜିଛି। ନୂଆ ରାସ୍ତାରେ ଏହି ବିଶାଳ ଫାଟଗୁଡ଼ିକ, ଠିକାସଂସ୍ଥା ଓ ବିଭାଗୀୟ ଯନ୍ତ୍ରୀମାନଙ୍କ ମଧୁଚନ୍ଦ୍ରିକାର ପ୍ରତିଫଳନ ବୋଲି ଲୋକେ ଚର୍ଚ୍ଚା କରୁଛନ୍ତି। ଠିକ୍ ଏତିକିବେଳେ ରାସ୍ତାରେ ଲଗାଯାଇଥିବା ନିର୍ମାଣ ସୂଚନା ଫଳକକୁ ରାତିରେ ଲୁଚାଇ କାଢ଼ି ନିଆଯିବା ଘଟଣା ବି ବେଶ୍ ଚର୍ଚ୍ଚା ହେଉଛି। ବନମାଳୀପୁର ସରକାରୀ ଉଚ୍ଚବିଦ୍ୟାଳୟଠାରୁ ଭାକରସାହି ଦେଇ ଅପୂଜା ପର୍ଯ୍ୟନ୍ତ ପାଖାପାଖି ୫କିମିର ଏହି ରାସ୍ତା ନବୀକରଣ ପାଇଁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରାଯାଇଥିଲା। ନିଆଳି ଓ ବାଲିପାଟଣା ବ୍ଲକ୍‌ର ୩୦ରୁ ଅଧିକ ଗାଁର ଲୋକ ନିର୍ଭର କରୁଥିବା ଏହି ରାସ୍ତା ନବୀକରଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୪କୋଟି ୨୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା ଏବଂ ଭୁବନେଶ୍ୱର ସାଇ ୟୁନିକ୍ କନଷ୍ଟ୍ରକସନ୍ ଏହି କାମ ଠିକା ନେଇଥିଲା। ତତ୍କାଳୀନ ବିଧାୟକ ଅରବିନ୍ଦ ଢାଲି ୨୦୨୪ ଫେବ୍ରୁଆରିରେ ଶିଳାନ୍ୟାସ କରିଥିଲେ। ୨୦୨୪ ଜୁଲାଇ ସୁଦ୍ଧା କାମ ସାରିବାକୁ ନିର୍ଦ୍ଦେଶ ଥିଲା। କିନ୍ତୁ ଠିକାସଂସ୍ଥାର ମନମାନି ଯୋଗୁ ୨୦୨୬ ମାର୍ଚ୍ଚରେ କାମ ସରିଲା। ଏବେ ରାସ୍ତା ଫାଟି ଆଁ କରିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ ରାସ୍ତାରେ ପଡ଼ିଥିବା ନୂଆ ମାଟିକୁ ଭଲ ଭାବେ ରୋଲିଂ କରାଯାଇନଥିଲା। ମେଟାଲିଂ ଓ ପିଚୁ କାମ ବି ନିମ୍ନମାନର ହୋଇଛି। ତୁରନ୍ତ ରାସ୍ତାର ପୁନଃନିର୍ମାଣ ଓ ନିମ୍ନମାନର କାମ ବିରୋଧରେ ଉଚ୍ଚସ୍ତରୀୟ ତଦନ୍ତ କରାଯିବା ଲାଗି ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି। ବିଭାଗୀୟ ଯନ୍ତ୍ରୀ ସଞ୍ଜୟ ସାହୁଙ୍କ ସୂଚନାନୁସାରେ ଠିକାସଂସ୍ଥା ରାସ୍ତାର ୫ବର୍ଷିଆ ରକ୍ଷଣାବେକ୍ଷଣ କରିବା ନିୟମ ରହିଛି। ତେଣୁ ପୁନଃମରାମତି କରିବା ପାଇଁ ଠିକାସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି।









# ଦେଶରେ ପ୍ରସ୍ତୁତ ହେଲା ଉନ୍ନତ ଗାଲିୟମ୍ ନାଇଟ୍ରାଇଡ୍ ଚିପ୍

ବେଙ୍ଗାଲୁରୁ: ଭାରତର ସେମିକଣ୍ଡକ୍ଟର କ୍ଷେତ୍ରରେ ଏକ ବଡ଼ ସଫଳତା ମିଳିଛି । ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ (ଆଇଆଇଏସ୍‌ସି), ବେଙ୍ଗାଲୁରୁର ୫ ଜଣ ଅଧ୍ୟାପକ ଓ ୨ ଜଣ ପିଏଚ୍‌ଡି ଗବେଷକଙ୍କ ଏକ ଦଳ ଭାରତରେ ଉନ୍ନତ ଗାଲିୟମ୍ ନାଇଟ୍ରାଇଡ୍ ଚିପ୍ ବିକାଶ କରିଛନ୍ତି । ଏହି ପ୍ରକଳ୍ପରେ ଷ୍ଟାର୍ଟଅପ୍ 'ଅଗ୍ନିଟ୍ ସେମିକଣ୍ଡକ୍ଟର୍ସ' ମଧ୍ୟ ସହଯୋଗ କରିଛି । ଏହି ଚିପ୍ ପୂର୍ବରୁ ବିଦେଶରୁ ଆମଦାନି କରିବାକୁ ପଡୁଥିଲା ଏବଂ ଏହାର ମୂଲ୍ୟ ଅଧିକ ଥିବାରୁ ଦେଶରେ ବ୍ୟାପକ ବ୍ୟବହାର ସମ୍ଭବ ହେଉନଥିଲା ।

ଏହି ଗବେଷଣା ଦଳର ନେତୃତ୍ୱ ନେଇଥିବା ପ୍ରଫେସର ମୟଙ୍କ ଶ୍ରୀବାସ୍ତବ କହିଛନ୍ତି, ଭାରତରେ ଉନ୍ନତ ସେମିକଣ୍ଡକ୍ଟର ପ୍ରଯୁକ୍ତିର ଆବଶ୍ୟକତା ବହୁଦିନ ଧରି ଅନୁଭବ କରାଯାଉଥିଲା । ଦେଶୀୟ ଜ୍ଞାନକୌଶଳକୁ ଆଧାର କରି ଏହି ଚିପ୍ ବିକାଶ କରାଯାଇଥିବାରୁ ଭବିଷ୍ୟତରେ ବିଦେଶୀ ନିର୍ଭରଶୀଳତା ଯଥେଷ୍ଟ କମିବ ବୋଲି ସେ କହିଛନ୍ତି । ଏହି ପ୍ରକଳ୍ପରେ ୫ ଜଣ ଅଧ୍ୟାପକ ଓ ୨ ଜଣ ପିଏଚ୍‌ଡି ଗବେଷକ ଦୀର୍ଘ ସମୟ ଧରି ମିଳିତ ଭାବେ କାମ କରିଥିଲେ । ଗାଲିୟମ୍ ନାଇଟ୍ରାଇଡ୍ ଚିପ୍ ସାଧାରଣ ସିଲିକନ୍ ଚିପ୍ ତୁଳନାରେ ଅଧିକ ଦକ୍ଷ ଏବଂ ଉଚ୍ଚ ତାପମାତ୍ରା ଓ ଉଚ୍ଚ ଭୋଲଟେଜ୍‌ରେ ମଧ୍ୟ କାର୍ଯ୍ୟ କରିପାରେ । ଏହାର ବ୍ୟବହାର ୫ଜି ଓ ୬ଜି ଯୋଗାଯୋଗ ବ୍ୟବସ୍ଥା, ରାଡାର, ଉପଗ୍ରହ ସଂଯୋଗ, ପ୍ରତିରକ୍ଷା ଉପକରଣ, ବିଦ୍ୟୁତ୍ ଯାନ, ଶକ୍ତି ରୂପାନ୍ତର ବ୍ୟବସ୍ଥା ଓ ଅନ୍ୟାନ୍ୟ ଉଚ୍ଚ ପ୍ରଯୁକ୍ତି କ୍ଷେତ୍ରରେ ହୋଇପାରିବ । ଏହି କାରଣରୁ ବିଶ୍ୱ ବଜାରରେ ଏହାର ଚାହିଦା ଦ୍ରୁତ ଗତିରେ ବଢୁଛି ।

ପ୍ରଫେସର ଶ୍ରୀବାସ୍ତବଙ୍କ କହିବା ଅନୁସାରେ, ବିଦେଶରୁ ଏଭଳି ଚିପ୍ ଆଣିବା କେବଳ ବ୍ୟୟବହୁଳ ନୁହେଁ, ବରଂ ରପ୍ତାନି ନିୟନ୍ତ୍ରଣ ଭଳି ବିଭିନ୍ନ ସୀମାବଦ୍ଧତା ମଧ୍ୟ ରହିଛି । ତେଣୁ ଭାରତରେ ଏହାର ସ୍ୱଦେଶୀ ବିକାଶ ଦେଶର ପ୍ରଯୁକ୍ତିଗତ ସ୍ୱାବଲମ୍ବନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଗବେଷଣା ଦଳ ଲାବରେଟୋରି ସ୍ତରର ସଫଳତା ପରେ ଏହାକୁ ବ୍ୟବସାୟିକ ଉତ୍ପାଦନ ଉପଯୋଗୀ କରିବା ଉପରେ କାମ କରୁଛି । ଗବେଷକମାନଙ୍କ ମତରେ, ଏହି ସଫଳତା 'ମେକ୍ ଇନ୍ ଇଣ୍ଡିଆ' ଏବଂ ଦେଶର ସେମିକଣ୍ଡକ୍ଟର ମିସନକୁ ନୂଆ ଗତି ଦେବ । ଭବିଷ୍ୟତରେ ଭାରତରେ ଉନ୍ନତ ଚିପ୍ ନିର୍ମାଣ କ୍ଷେତ୍ରରେ ଅଧିକ ଗବେଷଣା, ବିନିଯୋଗ ଓ ଶିଳ୍ପ ସହଯୋଗ ବୃଦ୍ଧି ପାଇବା ସହ ପ୍ରତିରକ୍ଷା, ଦୂରସଂଚାର ଓ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଦେଶର ଆତ୍ମନିର୍ଭରତା ଆହୁରି ମଜବୁତ ହେବ ବୋଲି ସେମାନେ ଆଶା ପ୍ରକାଶ କରିଛନ୍ତି ।



## ପେଲେଟ୍ ଗନ୍‌ରେ ଭିଡ଼ ନିୟନ୍ତ୍ରଣ: ଭାରତରେ କ'ଣ ରହିଛି ଆଇନ ?






**ନୂଆଦିଲ୍ଲୀ:** ଦିଲ୍ଲୀରେ ଜୁଲାଇ ୨୦ରେ ହୋଇଥିବା ଛାତ୍ର ବିକ୍ଷୋଭ ପରେ ପେଲେଟ୍ ଗନ୍ ବ୍ୟବହାରକୁ ନେଇ ନୂଆ ବିବାଦ ଦେଖାଦେଇଛି । ବିକ୍ଷୋଭକାରୀଙ୍କ ଉପରେ ପେଲେଟ୍ ଗନ୍ ବ୍ୟବହାର ହୋଇଥିବା ଅଭିଯୋଗ ଆସିଥିବାବେଳେ ଦିଲ୍ଲୀ ପୁଲିସ ଏହାକୁ ଖଣ୍ଡନ କରିଛି । ଏହି ପ୍ରସଙ୍ଗରେ ପେଲେଟ୍ ଗନ୍‌ର ବୈଧତା ଓ ଏହାର ବ୍ୟବହାର ସମ୍ପର୍କରେ ପୁଣି ଚର୍ଚ୍ଚା ଆରମ୍ଭ ହୋଇଛି ।

ଭାରତରେ ଭିଡ଼ ନିୟନ୍ତ୍ରଣ ପାଇଁ ପେଲେଟ୍ ଗନ୍ ବ୍ୟବହାର ଉପରେ କୌଣସି ସ୍ୱତନ୍ତ୍ର ଆଇନ ନାହିଁ । ଏହାର ବ୍ୟବହାର ଅସ୍ତ୍ର ଆଇନ, ସମ୍ପୃକ୍ତ ନିୟମାବଳୀ, ସୁରକ୍ଷା ବାହିନୀର ମାନକ କାର୍ଯ୍ୟପ୍ରଣାଳୀ (ଏସ୍‌ଓପି) ଓ ସାମ୍ବିଧାନିକ ନୀତି ଅନୁଯାୟୀ ନିୟନ୍ତ୍ରିତ ହୁଏ । ନିୟମ ଅନୁସାରେ ପେଲେଟ୍ ଗନ୍‌କୁ 'କମ୍ ପ୍ରାଣଘାତୀ' ଅସ୍ତ୍ର ଭାବେ ଧରାଯାଏ ଏବଂ ଅନ୍ୟ ସମସ୍ତ ଭିଡ଼ ନିୟନ୍ତ୍ରଣ ଉପାୟ ବିଫଳ ହେଲେ ଶେଷ ବିକଳ୍ପ ଭାବେ ଏହା ବ୍ୟବହାର କରିବାକୁ କୁହାଯାଇଛି ।

ପେଲେଟ୍ ଗନ୍ ସାଧାରଣତଃ ପମ୍ପ-ଆକ୍ସନ୍ ଶଟ୍‌ଗନ୍, ଯାହାର ଗୋଟିଏ କାର୍ଟ୍ରିଜ୍‌ରୁ ଶହ ଶହ କ୍ଷୁଦ୍ର ଧାତବ ପେଲେଟ୍ ବାହାରିଥାଏ । ଏହା ଗୋଟିଏ ବିସ୍ତୃତ ଅଞ୍ଚଳରେ ଛିଟିକି ପଡୁଥିବାରୁ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଲକ୍ଷ୍ୟ କରିବା କଷ୍ଟକର ହୋଇଥାଏ । ଫଳରେ ଘଟଣାସ୍ଥଳରେ ଥିବା ଅନ୍ୟ ଲୋକମାନେ ମଧ୍ୟ ଆହତ ହେବାର ଆଶଙ୍କା ରହିଥାଏ । ନିକଟ ଦୂରତାରୁ ଗୁଳି ଚାଳନା କଲେ ଗୁରୁତର ଆଘାତ, ଆଖି ନଷ୍ଟ ହେବା କିମ୍ବା ସ୍ଥାୟୀ ଦୃଷ୍ଟିଶକ୍ତି ହରାଇବାର ବିପଦ ବଢ଼ିଯାଏ ।

୨୦୧୦ରେ ଜମ୍ମୁ-କାଶ୍ମୀରରେ ପଥରମାଡ଼ ଘଟଣାକୁ ଦମନ କରିବା ପାଇଁ କେନ୍ଦ୍ରୀୟ ରିଜର୍ଭ ପୁଲିସ ବଳ (ସିଆରପିଏଫ୍) ପ୍ରଥମେ ପେଲେଟ୍ ଗନ୍ ବ୍ୟବହାର କରିଥିଲା । ୨୦୧୬ରେ ବ୍ୟାପକ ବିକ୍ଷୋଭ ସମୟରେ ଏହାର ବ୍ୟବହାର ହଜାର ହଜାର ଲୋକଙ୍କୁ ଆହତ କରିଥିଲା ଏବଂ ଅନେକଙ୍କ ଆଖିରେ ଗୁରୁତର କ୍ଷତି ପହଞ୍ଚିଥିଲା । ଏହା ପରେ ସୁପ୍ରିମ୍‌କୋର୍ଟ ମଧ୍ୟ ସୁରକ୍ଷା ବାହିନୀକୁ ସତର୍କତାର ସହ ଏହି ଅସ୍ତ୍ର ବ୍ୟବହାର କରିବାକୁ କହିଥିଲେ । ପରବର୍ତ୍ତୀ ସମୟରେ କେନ୍ଦ୍ର ସରକାର କୋର୍ଟଙ୍କୁ ଜଣାଇଥିଲେ ଯେ, ପେଲେଟ୍ ଗନ୍‌କୁ କେବଳ ଶେଷ ବିକଳ୍ପ ଭାବେ ବ୍ୟବହାର କରାଯିବ ।

ମାନବାଧିକାର ସଂଗଠନଗୁଡ଼ିକ ପେଲେଟ୍ ଗନ୍ ଉପରେ ଦୀର୍ଘ ଦିନ ଧରି ଆପତ୍ତି ଉଠାଇଆସୁଛନ୍ତି । ସେମାନଙ୍କ ମତରେ, ଏହାକୁ 'କମ୍ ପ୍ରାଣଘାତୀ' କୁହାଯାଉଥିଲେ ମଧ୍ୟ ଏହାର ପ୍ରଭାବ ଅନେକ କ୍ଷେତ୍ରରେ ସ୍ଥାୟୀ ଶାରୀରିକ କ୍ଷତି ସୃଷ୍ଟି କରିପାରେ । ସେଥିପାଇଁ ଭିଡ଼ ନିୟନ୍ତ୍ରଣରେ ଅଧିକ ସୁରକ୍ଷିତ ଓ କମ୍ ? କ୍ଷତିକାରକ ବିକଳ୍ପ ବ୍ୟବହାର କରିବାକୁ ଦାବି ଜୋର ଧରିଛି ।

## ବିଶ୍ୱ ଐତିହ୍ୟ ତାଲିକାରେ ସାରନାଥ



ସିଓଲ: ଦକ୍ଷିଣ କୋରିଆରେ ଅନୁଷ୍ଠିତ ୟୁନେସ୍କୋ କମିଟି ବୈଠକରେ ଏସିଆ, ଆମେରିକା ଓ ଆଫ୍ରିକାର ଅନେକ ସ୍ଥାନକୁ ବିଶ୍ୱ ଐତିହ୍ୟ ତାଲିକାରେ ଯୋଡାଯାଇଛି, ଯେଉଁଥିରେ ଜର୍ଜିଆର ଓକେଫେନୋକି ସ୍ୱାମ୍ପ, ଥାଇଲାଣ୍ଡର ତ୍ରୟୋଦଶ ଶତାବ୍ଦୀର ଏକ ବୌଦ୍ଧ ମନ୍ଦିର, ଭାରତର ସାରନାଥ, ଦକ୍ଷିଣ କୋରିଆର ଟାଇଡାଲ ଫ୍ଲାଟ୍, ଚୀନ୍ ?ର ଚିନାମାଟି ପାତ୍ର ଶିଳ୍ପ ସ୍ଥାନ ଓ କୋମୋରୋସର ଐତିହାସିକ ସହର ଅନ୍ତର୍ଭୁକ୍ତ । ବାରାଣସୀର ଏକ ପ୍ରାଚୀନ ବୌଦ୍ଧ ସ୍ଥଳୀ ସାରନାଥ ବିଶ୍ୱ ଐତିହ୍ୟ ତାଲିକାରେ ନୂତନ ଭାବେ ଯୋଡ଼ି ହୋଇଛି । ୟୁନେସ୍କୋ କହିଛି ଯେ, ସାରନାଥରେ ଗୌତମ ବୁଦ୍ଧ ତାଙ୍କର ପ୍ରଥମ ଧର୍ମୋପଦେଶ ଦେଇଥିବାରୁ ଏହାର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି । ସାରନାଥର ସ୍ଥାପତ୍ୟ ଓ ପ୍ରତ୍ନତାତ୍ତ୍ୱିକ ଅବଶେଷ ଅବକ୍ଷୟ ହେବା ସତ୍ତ୍ୱେ ଏହା ଗଭୀର ଗୁରୁତ୍ୱ ବହନ କରୁଛି । ବୁସାନରେ ବୈଠକଗୁଡ଼ିକ କମିଟି ଫ୍ରାନ୍ସର ଡି-ଡେ ଅବତରଣ ବେଳାଭୂମି, ଗ୍ରୀସର ମାଉଣ୍ଟ ଅଲିମ୍ପସ୍ ଓ ଜାପାନର ପ୍ରାଚୀନ ରାଜଧାନୀ ଆସୁକା-ଫୁଜିୱାରା ସମେତ ଅନ୍ୟ ପ୍ରସ୍ତାବଗୁଡ଼ିକର ସମୀକ୍ଷା କରିବ । ଆମେରିକାର ଜର୍ଜିଆ ରାଜ୍ୟର ଓକେଫେନୋକି ସ୍ୱାମ୍ପକୁ ଏହାର ଜୈବ ବିବିଧତା ଓ ପରିବେଶଗତ ଗୁରୁତ୍ୱ ପାଇଁ ତାଲିକାରେ ଯୋଡାଯାଇଛି । ୟୁନେସ୍କୋ କହିଛି ଯେ, ଏହା ବିଶ୍ୱର ସର୍ବବୃହତ୍ ମଧୁର ଜଳ ଇକୋସିଷ୍ଟମ୍ ମଧ୍ୟରୁ ଗୋଟିଏ ।

### ଇଏମ୍‌ଆଇ ଦେଉଛନ୍ତି ଆୟର ୬୦%

## ଋଣ ଯନ୍ତାରେ ଅଧିକାଂଶ ଭାରତୀୟ

**ନୂଆଦିଲ୍ଲୀ:** ଋଣ ନେଇ ନିଜ ଜୀବନର ଗୁରୁତ୍ୱପୂର୍ଣ୍ଣ ଅଭିଳାଷ ପୂରଣ କରିବାକୁ ଆଗେଇ ଆସିଥିବା ପରିବାରଗୁଡ଼ିକ ପାଇଁ ମାସିକ କିସ୍ତି ବା ଇଏମ୍‌ଆଇ ମୁଣ୍ଡବ୍ୟଥାର କାରଣ ପାଲଟିଛି । ଘର କିମ୍ବା ଗାଡ଼ି କିଣିବା ଲାଗି ମୋଟା ଅଙ୍କର ଋଣ ନେଇଥିବା ଗ୍ରାହକମାନଙ୍କ ପରିବାରର ୬୦ ପ୍ରତିଶତ ରୋଜଗାର ଇଏମ୍‌ଆଇ ଗଣିବାରେ ଯାଉଛି ବୋଲି 'ଏକ୍ସପର୍ଟ ପ୍ୟାନେଲ'ର ଏକ ସର୍ବେକ୍ଷଣରୁ ଜଣାପଡ଼ିଛି । ଏଥିରେ ଭାଗ ନେଇଥିବା ୬୦ ପ୍ରତିଶତ ଗ୍ରାହକ କହିଛନ୍ତି ଯେ ସେମାନଙ୍କ ମାସିକ ଆୟ ପୁରା ଇଏମ୍‌ଆଇ ଦେବାରେ ଚାଲିଯାଉଛି । ଅନ୍ୟ ୪୦ ପ୍ରତିଶତ ଗ୍ରାହକ କହିଛନ୍ତି ଯେ ପୁରୁଣା ଋଣ ଶୁଝିବାକୁ ସେମାନେ ଆହୁରି ଋଣ କରିଛନ୍ତି ଓ ଚଳିବା ପାଇଁ ସେମାନଙ୍କୁ କ୍ରେଡିଟ୍ କାର୍ଡ ଉପରେ ନିର୍ଭର କରିବାକୁ ପଡୁଛି । ଋଣ ନେଇ ଗ୍ରାହକମାନେ ଏଭଳି ଏକ ଗୋଲକଧନ୍ଦାରେ ଫସିଯାଇଛନ୍ତି, ଯେଉଁଥିରୁ ବାହାରିବାକୁ




ସେମାନେ ବାଟ ପାଉନାହାନ୍ତି । ଜୀବନର ବଡ଼ ସଉକ ପୂରଣ କରିବାକୁ ଲୋକମାନେ ଋଣ କରିଥାନ୍ତି ବୋଲି ସାଧାରଣରେ ଯେଉଁ ଭାବନା ରହିଛି ତାହା ସମ୍ପୂର୍ଣ୍ଣ ସତ ନୁହେଁ । ଏହି ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଅଧିକାଂଶ ଗ୍ରାହକ ନିଜର ଅତ୍ୟାବଶ୍ୟକ କାମ କିମ୍ବା ଏଡ଼ାଇ ହେଉନଥିବା ଖର୍ଚ୍ଚ କରିବାକୁ ଋଣ ନେଇଥିଲେ । ଡାକ୍ତରଖାନା ଖର୍ଚ୍ଚ ବହନ କରିବାକୁ ୨୬ ପ୍ରତିଶତ ଗ୍ରାହକ ଋଣ କରିଥିଲେ । ଅନ୍ୟ ୨୨% ଗ୍ରାହକ ପରିବାର ସଦସ୍ୟଙ୍କ ବିବାହ ଖର୍ଚ୍ଚ ପାଇଁ ଋଣ ନେଇଥିଲେ । ସେହିପରି ୧୮% ଗ୍ରାହକ ଚାକିରି ଚାଲିଯିବା କିମ୍ବା ବ୍ୟବସାୟରେ ବିଫଳ ହେବାରୁ ଋଣ କରିବାକୁ ବାଧ୍ୟ ହୋଇଥିଲେ । ଅବଶିଷ୍ଟ ୧୫% ଗ୍ରାହକ ଘର ଚଳାଇବାକୁ ଋଣ ନେଇଥିବା କହିଥିଲେ ।

ସର୍ବେକ୍ଷଣରେ ସାମିଲ ହୋଇଥିବା ୨୮ ପ୍ରତିଶତ ଗ୍ରାହକ କହିଥିଲେ ଯେ ଆୟ ତୁଳନାରେ ସେମାନଙ୍କ ଇଏମ୍‌ଆଇ ବୋଝ ଅଧିକ ରହୁଛି । ୧୯ ପ୍ରତିଶତ ଗ୍ରାହକ ଏକାଧିକ ଋଣ ନେଇଥିବାରୁ ତାହାକୁ ଶୁଝିବାରେ ଅସୁବିଧା ଭୋଗୁଛନ୍ତି । ୧୨ ପ୍ରତିଶତ ଗ୍ରାହକ କହିଛନ୍ତି ଯେ ମେଡିକାଲ୍ ଓ ପରିବାରରେ ଜରୁରୀକାଳୀନ ସମସ୍ୟା ପାଇଁ ସେମାନେ ଠିକ୍ ଭାବେ ଋଣ ଶୁଝିପାରୁନାହାନ୍ତି । ୬୦ ପ୍ରତିଶତ ଗ୍ରାହକ କେବଳ ସର୍ବନିମ୍ନ ମାସିକ କିସ୍ତି ଦେଉଛନ୍ତି । ପାଞ୍ଚ ଜଣରୁ ଜଣେ ଗ୍ରାହକଙ୍କୁ ଆର୍ଥିକ ସଂସ୍ଥାରୁ ନୋଟିସ୍ ମଧ୍ୟ ଆସିଛି ।

# ଆମେରିକାର ଦାଦାଗିରି ଆଗରେ ମୁଣ୍ଡ ନୁଆଁଇବୁ ନାହିଁ: ଆରାଘଚି

ବିଶକେକ୍: ସାଂଘାଇ ସହଯୋଗ ସଂଗଠନ (ଏସସିଓ) ବୈଠକରେ ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ସ୍ପଷ୍ଟ କରିଛନ୍ତି ଯେ, ଆମେରିକାର ଚାପ କିମ୍ବା ଧମକ ଆଗରେ ତେହେରାନ ମୁଣ୍ଡ ନୁଆଁଇବ ନାହିଁ । ସେ କହିଛନ୍ତି, ତାଙ୍କ ଦେଶ କୌଣସି ପ୍ରକାରର ଜବରଦସ୍ତି କିମ୍ବା ବଳ ପ୍ରୟୋଗ ନିକଟରେ ଆତ୍ମସମର୍ପଣ କରିବ ନାହିଁ ।ପ୍ରେସ୍ ଟିଭି ଅନୁଯାୟୀ ,କିର୍ଗିଜସ୍ତାନର ଚୋଲପୋନ୍-ଆଟାରେ ସାଂଘାଇ ସହଯୋଗ ସଂଗଠନର ବୈଦେଶିକ ମନ୍ତ୍ରୀ ପରିଷଦର ବୈଠକ ପରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା କରିବା ସମୟରେ ଆରାଘଚି କୂଟନୈତିକ ଚ୍ୟାନେଲଗୁଡ଼ିକ ଉପରେ ଆଲୋଚନା କରିଥିଲେ । ଦ୍ୱିପାକ୍ଷିକ ଆଲୋଚନା ବିଷୟରେ ପଚରାଯିବାରୁ, ସେ କହିଛନ୍ତି, ତେହେରାନ ଏବଂ ୱାସିଂଟନ ମଧ୍ୟରେ ମୁଖ୍ୟ ପ୍ରତିବନ୍ଧକ ଯୋଗାଯୋଗ ଚ୍ୟାନେଲର ଅଭାବ ନୁହେଁ, ବରଂ ଆମେରିକାର ଭୟ ଏବଂ ଲଗାତାର ହେଉଥିବା ବଳପ୍ରୟୋଗ ନୀତି ।ଆରାଘଚି କହିଛନ୍ତି ଯେ, ଇରାନ ସ୍ପଷ୍ଟ କରିଛି, ଆମେରିକାର ଦାଦାଗିରି ଆଗରେ ମୁଣ୍ଡ ନୁଆଁଇବ ନାହିଁ । ସେ ଏହା ମଧ୍ୟ ଦର୍ଶାଇଛନ୍ତି ଯେ, ମଧ୍ୟସ୍ଥିର ଭୂମିକା ଗ୍ରହଣ କରୁଥିବା ପାକିସ୍ତାନ ସହିତ



ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରିବା ଏକ ସ୍ୱାଭାବିକ ପଦକ୍ଷେପ । ତେହେରାନର ମୁଖ୍ୟ ମତ ସ୍ପଷ୍ଟ କରି ଆରାଘଚି କହିଛନ୍ତି, ଇରାନୀ ଜନତାଙ୍କୁ ସୁରକ୍ଷା ଦେବା ଏବଂ ହର୍ମୁଜ୍ ପ୍ରଣାଳୀରେ ଇରାନର ସ୍ୱାର୍ଥକୁ ସୁରକ୍ଷା ଦେବା ଆମର ନୀତି । ଯେପର୍ଯ୍ୟନ୍ତ ଇରାନ ଲୋକଙ୍କ ଆଇନଗତ ଉଦ୍ଦେଶ୍ୟ ଏବଂ ଦାବି ପୂରଣ ନହୋଇଛି, ଆମେ ଆମର କାର୍ଯ୍ୟ ଜାରି ରଖିବୁ । ଆମେ ଧମକକୁ ଭୟ କରୁନାହୁଁ, କିମ୍ବା ଚାପ ଆଗରେ ମୁଣ୍ଡ ନୁଆଁଇବୁ ନାହିଁ, ଏବଂ ଧମକର ଭାଷାକୁ ଆମେ ସହ୍ୟ କରିବୁ ନାହିଁ।

ଇରାନର ସଶସ୍ତ୍ର ବାହିନୀ ଦେଶର ସେବା କରିବା ପାଇଁ ସବୁବେଳେ ସଜାଗ । ସେ ଏସସିଓ ସଦସ୍ୟ ରାଷ୍ଟ୍ରଗୁଡ଼ିକୁ, ଏକ ପ୍ରଗତିଶୀଳ ସଂଗଠନ ଭାବରେ ବର୍ଣ୍ଣନା କରି ଆନ୍ତର୍ଜାତୀୟସ୍ତରରେ ପ୍ରାଧାନ୍ୟ ବିସ୍ତାର କରିବାକୁ ଚାହୁଁଥିବା ୱାସିଂଟନ ଏବଂ ପାଶ୍ଚାତ୍ୟ ସଂସ୍ଥାଗୁଡ଼ିକର ଏକପାଖିଆ ଏଜେଣ୍ଡାକୁ ବିରୋଧ କରିବାକୁ ଅନୁରୋଧ କରିଛନ୍ତି । ସେ ଏକତରଫାବାଦ ବିରୋଧରେ ଦୃଢ଼ ପଦକ୍ଷେପ ନେବାକୁ, ଅନ୍ତର୍ଜାତୀୟ ଆଇନକୁ ସମର୍ଥନ କରିବାକୁ ଏବଂ ରାଷ୍ଟ୍ରର ସାର୍ବଭୌମତ୍ୱ ପାଇଁ ସମର୍ଥନ କରିବାକୁ ଆହ୍ୱାନ କରିଛନ୍ତି ।

ଶିଖର ସମ୍ମିଳନୀରେ, ଆରାଘଚି କିର୍ଗିଜସ୍ତାନ, ରୁଷ, ପାକିସ୍ତାନ, ଇଜିପ୍ଟ, ଉଜବେକିସ୍ତାନ ଏବଂ ଚୀନ୍ ?ର ତାଙ୍କ ପ୍ରତିପକ୍ଷଙ୍କ ସହ ସାକ୍ଷାତ କରିଥିଲେ । ସେ ଚୀନ୍ ?ର ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି ଏବଂ ରୁଷର ବୈଦେଶିକ ମନ୍ତ୍ରୀ ସେରଗେଇ ଲାଭରୋଭଙ୍କ ସହ ବ୍ୟାପକ ଆଲୋଚନା କରି ନିଶ୍ଚିତ କରିଛନ୍ତି ଯେ, ତେହେରାନ ବେଜିଂ ଏବଂ ମସ୍କୋ ସହିତ ନିରନ୍ତର ସମନ୍ୱୟ ବଜାୟ ରଖିଛି ।

## ଭାରତୀୟ ଜାହାଜକୁ ଆକ୍ରମଣ; ୨ କ୍ରୁ ସଦସ୍ୟ ନିଖୋଜ



ୟୁକ୍ରେନର ଓଡେସା ବନ୍ଦରରେ ଚାରି ଜଣ ଭାରତୀୟ ନାଗରିକଙ୍କୁ ନେଇ ଯାଉଥିବା ଏକ ବାଣିଜ୍ୟ ଜାହାଜ ଉପରେ ଆକ୍ରମଣ ହୋଇଥିଲା । ଦୁଇଜଣ କ୍ରୁ ସଦସ୍ୟ ସୁରକ୍ଷିତ ଥିବା ସୂଚନା ମିଳିଛି, ଅନ୍ୟ ଦୁଇଜଣଙ୍କ ସମ୍ପର୍କରେ ସୂଚନା ଅପେକ୍ଷାରେ ଅଛି । ଦୂତାବାସ କହିଛି ଯେ ଏହି ଘଟଣା ଘଟିଥିଲା ଯେତେବେଳେ ଓଡେସା ବନ୍ଦରରେ ଗଠ AGN Ragnar ଉପରେ ଆକ୍ରମଣ କରାଯାଇଥିଲା । ଓଡେସା ହେଉଛି ୟୁକ୍ରେନର ପ୍ରମୁଖ କଳା ସାଗର ବନ୍ଦର ମଧ୍ୟରୁ ଗୋଟିଏ ଏବଂ ୨୦୨୨ ରେ ରୁଷିଆ-ୟୁକ୍ରେନ ବିବାଦ ଆରମ୍ଭ ହେବା ପରଠାରୁ ଏହା ଅନେକ ଆକ୍ରମଣର ସମ୍ମୁଖୀନ ହୋଇଛି । ଭାରତୀୟ ମିଶନ କହିଛି ଯେ ଏହା ପରିସ୍ଥିତି ଉପରେ କଡ଼ା ନଜର ରଖିଛି । ଓଡେସା ବନ୍ଦରରେ ରୁଷିଆ ଆକ୍ରମଣରେ ଚାରି ଜଣ ଭାରତୀୟ ନାବିକଙ୍କ ମୃତ୍ୟୁ ପରେ ଘଟିଛି । କ୍ୱିଭରେ ଥିବା ଭାରତୀୟ ଦୂତାବାସ ରବିବାର ନିଶ୍ଚିତ କରିଛି ଯେ ଜାହାଜରେ ଥିବା ଦୁଇ ଜଣ ଭାରତୀୟ କ୍ରୁ ସଦସ୍ୟ ସୁରକ୍ଷିତ ଅଛନ୍ତି, ଯେତେବେଳେ ଅନ୍ୟ ଦୁଇ ଜଣ ଭାରତୀୟଙ୍କ ସମ୍ପର୍କରେ ସୂଚନାକୁ ଅପେକ୍ଷା କରାଯାଇଛି । ଦୂତାବାସ କହିଛି ଯେ ଏହା ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ପ୍ରାସଙ୍ଗିକ ସଂସ୍ଥା ସହିତ ଯୋଗାଯୋଗରେ ଅଛି ଏବଂ ଭାରତୀୟ ନାଗରିକଙ୍କ ସ୍ଥିତି ଉପରେ ନିରନ୍ତର ନଜର ରଖିଛି । ଘଟଣା ସମ୍ପର୍କରେ ଅଧିକ ସୂଚନାକୁ ଅପେକ୍ଷା କରାଯାଇଛି । ସମ୍ପ୍ରତି, ୟୁକ୍ରେନ ଉପକୂଳରେ ଏକ ମାଲବାହୀ ଜାହାଜ ଉପରେ ଆକ୍ରମଣରେ ଚାରି ଜଣ ଭାରତୀୟ ନାବିକଙ୍କ ମୃତ୍ୟୁ ଘଟିଥିଲା ଏବଂ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିଲେ । ଏହି ଘଟଣା ପରେ, ଭାରତ ଆକ୍ରମଣ ବିରୋଧରେ ଦୃଢ଼ ପ୍ରତିବାଦ ଜଣାଇବା ପାଇଁ ରୁଷିଆର ଚାର୍ଜ ଡି'ଆଫେୟର୍ସଙ୍କୁ ଡକାଇଥିଲା ।

30 July-5th August 2026
୩୦ ଜୁଲାଇ-୫ ଅଗଷ୍ଟ ୨୦୨୬
ଓଡ଼ିଶା ନିଶବ୍ଦ
THE ODISHA NISHABDA

## ଏଆଇ ନଜରରେ ରହିବେ କଏଦୀ




ଭୁବନେଶ୍ୱର: ଜେଲ୍‌ଗୁଡ଼ିକରୁ କଏଦୀ ଚମ୍ପଟ,ଏକଦୀଙ୍କ ମଧ୍ୟରେ ଗଣ୍ଡଗୋଳ, ଅପରାଧୀଙ୍କ ସହ ଜେଲ୍ କର୍ମଚାରୀଙ୍କ ସମ୍ପୃକ୍ତି ପ୍ରସଙ୍ଗକୁ ଜେଲ୍ ବିକାଶ ବୋର୍ଡ ଗୁରୁତର ସହ ନେଇଛି। ଆଜି ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୋର୍ଡର ଚତୁର୍ଥ ବୈଠକରେ ଜେଲ୍ ସୁରକ୍ଷା, ବନ୍ଦୀଙ୍କ କଲ୍ୟାଣ ଓ ଭିତ୍ତିଭୂମି ବିକାଶ ଉପରେ ସମୀକ୍ଷା କରାଯାଇଥିଲା। ଜେଲ୍ ଡିଜି ସୁଶାନ୍ତ ନାଥ କହିଥିଲେ, କଏଦୀଙ୍କ ଚମ୍ପଟ ରୋକିବା ପାଇଁ ସେମାନଙ୍କ ଗତିବିଧି ଉପରେ ନଜର ରଖାଯାଉଛି। ପ୍ରତି ବର୍ଷ ରାଜ୍ୟର ବିଭିନ୍ନ ଜେଲ୍‌ରୁ ୧୦-୧୨ଜଣ କଏଦୀ ଚମ୍ପଟ ଉଦ୍ୟମ କରୁଛନ୍ତି। ଏଥିପାଇଁ ରାଜ୍ୟର ୨୦ଟି ଜେଲ୍‌ରେ ଏଆଇ ଆଧାରିତ ସିସିଟିଭି ଖଞ୍ଜାଯିବା ସହ ଭିଡିଓ ଆନାଲିଟିକ୍ସ ବ୍ୟବସ୍ଥା ରଖାଯାଇଛି। ପାଚେରି ଉଚ୍ଚତା ବୃଦ୍ଧି କରାଯାଉଛି, ଆଧୁନିକ ସୁରକ୍ଷା ଉପକରଣ ଖଞ୍ଜାଯାଉଛି। ଓ୍ୱାର୍ଡରେ ଗଣ୍ଡଗୋଳ ବା କୌଣସି ସନ୍ଦେହଜନକ ସ୍ଥିତି ଉପୁଜିଲେ ତୁରନ୍ତ ଏଆଇ

# ବ୍ରହ୍ମପୁର ମହାନଗର ନିଗମରେ କର୍ମଚାରୀ ଅଭାବ ; ବିକାଶ ଆଣ୍ଟେଇଛି, ଏଥିପାଇଁ ଦାୟୀ କିଏ ?

**ବ୍ରହ୍ମପୁର(ପ୍ରେମାନନ୍ଦ ପୁଜାରୀ):** ବ୍ରହ୍ମପୁର ସହରର ବିକାଶ ଓ ନାଗରିକ ସେବାକୁ ସୁଦୃଢ଼ କରିବା ଦାୟିତ୍ୱ ନେଇଥିବା ମହାନଗର ନିଗମ ଆଜି ନିଜେ କର୍ମଚାରୀ ଅଭାବରେ ସଂଘର୍ଷ କରୁଛି। ଆବଶ୍ୟକତା ଅନୁଯାୟୀ ୯୦ରୁ ଅଧିକ ସ୍ଥାୟୀ କର୍ମଚାରୀ ରହିବା ବଦଳରେ ବର୍ତ୍ତମାନ କାର୍ଯ୍ୟରତ ଅଛନ୍ତି ମାତ୍ର ୫୨ ଜଣ ସ୍ଥାୟୀ କର୍ମଚାରୀ । ଏହା ସହ ପ୍ରାୟ ୩୫ ଜଣ ଆଉଟସୋର୍ସିଂ କର୍ମଚାରୀଙ୍କୁ ନେଇ ଭିନ୍ନ ଭିନ୍ନ କାର୍ଯ୍ୟ ଚାଲିଛି । ଅର୍ଥାତ୍ ପ୍ରାୟ ୫୭ଟି ପଦବୀ ଖାଲି ରହିଛି।

କର୍ମଚାରୀ ଅଭାବ ପରିସ୍ଥିତି ଯୋଗୁଁ ଜଣେ ଜଣେ ଅଧିକାରୀଙ୍କୁ ଏକାସାଙ୍ଗରେ ତିନିରୁ ଚାରିଟି ବିଭାଗର ଦାୟିତ୍ୱ ବହନ କରିବାକୁ ପଡୁଛି। ଫଳରେ ଫାଇଲ୍? ନିଷ୍ପତ୍ତିରେ ବିଳମ୍ବ, ବିକାଶମୂଳକ ପ୍ରକଳ୍ପର ମନ୍ଥର ଗତି ଏବଂ ସାଧାରଣ ଲୋକଙ୍କ ସମସ୍ୟାର ତୁରନ୍ତ ସମାଧାନ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉଛି । ଗତ ଦୁଇ ବର୍ଷ ଧରି ଏହି ସ୍ଥିତି ଆହୁରି ଜଟିଳ ହେବାରେ ଲାଗିଥିବା ବେଳେ ବ୍ରହ୍ମପୁର ବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଭଳି ପରିସ୍ଥିତିରେ ସରକାର ବିଏମସି ପ୍ରତି ଦୃଷ୍ଟି ଦେଇ ଅଧିକ କର୍ମଚାରୀଙ୍କୁ ନିଯୁକ୍ତ କରିବା ବଦଳରେ ଓଲଟା ଏଠାରୁ ଅନ୍ୟତ୍ର ସ୍ଥାନାନ୍ତର କରି ଅନେକ ସ୍ଥାନ ଖାଲି ପଡ଼ୁଥିବା ଜଣାପଡିଛି । ଉଦାହରଣ ସ୍ୱରୂପ ଗତ ଜୁନ୍ ମାସରେ ଏକାଥରକେ ୧୨ ଜଣ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଏଠାରୁ ବଦଳି କରାଯାଇଥିଲା। କିନ୍ତୁ ସେମାନଙ୍କ ସ୍ଥାନରେ ମାତ୍ର ୫ ଜଣଙ୍କୁ ନିଯୁକ୍ତି ମିଳିଛି। ଏହା ପ୍ରଶାସନିକ କାର୍ଯ୍ୟକୁ ଆହୁରି ଚାପଗ୍ରସ୍ତ କରିଛି। ବିଶେଷ କରି ଗୃହ କୋଠାବାଡ଼ି ନିର୍ମାଣ ଓ ପୂର୍ତ୍ତ ବିଭାଗରେ ଅଧିକ





କର୍ମଚାରୀଙ୍କ ଘୋର ଅଭାବ ଏବେ ପ୍ରମୁଖ ସମସ୍ୟା ଭାବେ ଛିଡ଼ା ହୋଇଛି। ତେବେ ଏ ନେଇ ବାରମ୍ବାର କର୍ପୋରେଟର ମାନଙ୍କ ମହଲରେ ଦାବୀ କରାଯାଇଛି। ହେଲେ ଫଳ ଶୂନ । ଯାହାକୁ ଉଭୟ ଜନସାଧାରଣ ଓ କର୍ପୋରେଟରଙ୍କ ମଧ୍ୟରେ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଯଦି ସମୟୋପଯୋଗୀ ଆବଶ୍ୟକୀୟ କର୍ମଚାରୀ ନିଯୁକ୍ତି ନ ହୁଏ, ତେବେ ସହରର ବିକାଶ, ସ୍ୱଚ୍ଛତା, ଡ୍ରେନେଜ୍, ରାଜସ୍ୱ ଆଦାୟ ଓ ଅନ୍ୟାନ୍ୟ ନାଗରିକ ସେବା ଆହୁରି ପ୍ରଭାବିତ ହେବା ବୃଦ୍ଧି ପାଇବା ସୁନିଶ୍ଚିତ ବୋଲି କୁହାଯାଉଛି। ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅଧୀନରେ ପରିଚାଳିତ ହେଉଥିବା ବ୍ରହ୍ମପୁର ମହାନଗର ନିଗମରେ ଖାଲି ପଡିଥିବା ପଦବୀ ପୂରଣ କରିବା ଓ ପର୍ଯ୍ୟାପ୍ତ ମାନବ ସମ୍ବଳ ଯୋଗାଇବା ଦିଗରେ ସମ୍ପୃକ୍ତ ବିଭାଗର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିବା ବେଳେ ରାଜ୍ୟର ଅନ୍ୟ ମହାନଗର ନିଗମ ଅପେକ୍ଷା ବ୍ରହ୍ମପୁର ମହାନଗର ନିଗମକୁ ସରକାର ଉପେକ୍ଷା କରିଆସୁଥିବା ଅଭିଯୋଗ କରିଛନ୍ତି ଖୋଦ ମେୟର ସଂଘମିତ୍ରା ଦଳାଇ । ସମସ୍ୟା ନେଇ ରାଜ୍ୟ ସରକାରଙ୍କୁ ବାରମ୍ବାର ଅବଗତ କରାଯାଉଥିଲେ ମଧ୍ୟ କର୍ମଚାରୀ ନିଯୁକ୍ତିରେ ସରକାର ଘୋର ଅବହେଳା କରିଆସୁଥିବା କହିଛନ୍ତି ମେୟର ସଂଘମିତ୍ରା ଦଳାଇ। ପ୍ରାୟ ସାଢ଼େ ୬ ଲକ୍ଷରୁ ଊର୍ଦ୍ଧ୍ୱ ଜନବହୁଳ ସହର ତଥା ଦକ୍ଷିଣ ଓଡ଼ିଶାର ପ୍ରାଣକେନ୍ଦ୍ର ଏବଂ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ ଭାବେ ପରିଚିତ ବ୍ରହ୍ମପୁର ସହରର ମହାନଗର ନିଗମରେ ଦୀର୍ଘଦିନ ଧରି କର୍ମଚାରୀ ମରୁଡି ପାଳଟିଥିବା ବେଳେ ସାମଗ୍ରୀକ ବିକାଶ ଏବେ ଆଣ୍ଟେଇଛି । ତେବେ ଖାଲି ପଡିଥିବା କର୍ମଚାରୀ କେତେ ଶିଘ୍ର ନିଯୁକ୍ତି କରୁଛନ୍ତି ସରକାର ତାକୁ ହିଁ ଅପେକ୍ଷା କରିଛନ୍ତି ବ୍ରହ୍ମପୁରବାସୀ।

ଏସିଏଫ ସୌମ୍ୟରଞ୍ଜନ ମୃତ୍ୟୁ ମାମଲା

## ଆତ୍ମସମର୍ପଣ କଲେ ପୂର୍ବତନ ଡିଏଫଓ



**ପାରଳାଖେମୁଣ୍ଡି :** ବହୁଚର୍ଚ୍ଚିତ ଏସିଏଫ ସୌମ୍ୟରଞ୍ଜନ ମହାପାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାରେ ତତ୍କାଳୀନ ଗଜପତି ଡିଏଫଓ ସଂଗ୍ରାମ କେଶରୀ ବେହେରା ପାରଳାଖେମୁଣ୍ଡି ଏସଡିଜେଏମ୍‌ଙ୍କ ଅଦାଲତରେ ଆତ୍ମସମର୍ପଣ କରିଛନ୍ତି। ଅଦାଲତଙ୍କ ପକ୍ଷରୁ ଜାରି ହୋଇଥିବା ଗିରଫ ପରୱାନା ପରେ ସେ ନିଜ ଓକିଲଙ୍କ ଜରିଆରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ଏସଡିଜେଏମ୍‌ଙ୍କ ଅଦାଲତରେ ଜାମିନ ଆବେଦନ ଖାରଜ ହେବା ପରେ ସଂଗ୍ରାମ ଜିଲା ଓ ଦୌରାଜଜଙ୍କ ଅଦାଲତରେ ଜାମିନ ପାଇଁ ଆବେଦନ କରିଥିବା ସୂଚନା ମିଳିଛି। ଏହାକୁ ନେଇ ଅଦାଲତରେ ଆଇନଗତ ପ୍ରକ୍ରିୟା ଜାରି ରହିଛି। ସଂଗ୍ରାମ କେଶରୀ ବେହେରାଙ୍କ ପକ୍ଷରୁ ଦାଖଲ ହୋଇଥିବା CRLMC ନଂ-୪୦୫୬/୨୦୨୫ ମାମଲାରେ ଓଡ଼ିଶା ହାଇକୋର୍ଟ ଗତ ୧୪ ଜୁଲାଇ ୨୦୨୬ରେ ତାଙ୍କୁ ତଳ ଅଦାଲତରେ ଆତ୍ମସମର୍ପଣ ପାଇଁ ଆଉ ଦୁଇ ସପ୍ତାହ ସମୟ ଦେଇଥିଲେ। ଏପରିକି ଜାମିନ ଆବେଦନ ଉପରେ ସେହି ଦିନ ବିଚାର କରିବାକୁ ତଳ ଅଦାଲତକୁ ନିର୍ଦ୍ଦେଶ ଦେଇ ଥିଲେ। ୨୦୨୧ରେ ଗଜପତି ଜିଲାରେ କାର୍ଯ୍ୟରତ ସହକାରୀ ବନ ସଂରକ୍ଷକ ସୌମ୍ୟରଞ୍ଜନ ମହାପାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା।

# ସୁଶାନ୍ତ ସିଂହଙ୍କ ପରଲୋକ: ମୁଖ୍ୟମନ୍ତ୍ରୀଙ୍କ ଶୋକ

**ଭୁବନେଶ୍ୱର:** ଓଡ଼ିଶାର ବରିଷ୍ଠ ରାଜନୀତିଜ୍ଞ ତଥା ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂହଙ୍କ ଆଜି ପରଲୋକ ହୋଇଛି। ଭୁବନେଶ୍ୱରସ୍ଥିତ ଆପୋଲୋ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଥିବା ସୂଚନା ମିଳିଛି। ସୁଶାନ୍ତ ସିଂହ ଦୀର୍ଘଦିନ ଧରି ଗୁରୁତର ଅସୁସ୍ଥତାରେ ପୀଡ଼ିତ ଥିଲେ। କିଛିଦିନ ପୂର୍ବରୁ ତାଙ୍କୁ ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଚିକିତ୍ସା ଜାରି ରହିଥିଲା, କିନ୍ତୁ ଆଜି ସକାଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଆହୁରି ଖରାପ ହୋଇଥିଲା ଏବଂ ଡାକ୍ତରଙ୍କ ସମସ୍ତ ପ୍ରୟାସ ସତ୍ତ୍ୱେ ତାଙ୍କୁ ବଞ୍ଚାଇ ପାରିଲେ ନାହିଁ।

ସୁଶାନ୍ତ ସିଂହ ଭଟଲି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ତିନିଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସେ ଓଡ଼ିଶା ସରକାରରେ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀ ଭାବେ ଦାୟିତ୍ୱ ସମ୍ଭାଳିଥିଲେ। ତାଙ୍କର ରାଜନୈତିକ ଜୀବନରେ ସାଧାରଣ ଲୋକଙ୍କ ସେବା ଏବଂ ବିକାଶମୂଳକ କାର୍ଯ୍ୟ ପାଇଁ ସେ ପରିଚିତ ଥିଲେ।



ଶୋକ ତାଙ୍କ ଦେହାନ୍ତ ଖବର ପାଇ ରାଜ୍ୟର ରାଜନୈତିକ ମହଲରେ ଶୋକର ଛାୟା ଖେଳିଯାଇଛି। ବିଜେଡି ସମେତ ବିଭିନ୍ନ ଦଳର ନେତାମାନେ ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ଶୋକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରି କହିଛନ୍ତି, ବରିଷ୍ଠ ରାଜନେତା ତଥା ଓଡ଼ିଶା ସରକାରରେ ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଅତ୍ୟନ୍ତ ଦୁଃଖିତ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି । ଓଁ ଶାନ୍ତି।

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନିଜ ଶୋକବାର୍ତ୍ତାରେ କହିଛନ୍ତି, ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳର ବରିଷ୍ଠ ସଦସ୍ୟ ସୁଶାନ୍ତ ସିଂହଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ତାଙ୍କ ବିୟୋଗରେ ଦଳ ଜଣେ ଦକ୍ଷ ସଙ୍ଗଠକ ତଥା ଲୋକପ୍ରିୟ ନେତାଙ୍କୁ ହରାଇଲା। ବିଜୁ ଜନତା ଦଳକୁ ମଜଭୁତ କରିବା ସହ ଲୋକଙ୍କ ସେବାରେ ତାଙ୍କର କାର୍ଯ୍ୟ ସର୍ବଦା ସ୍ମରଣୀୟ ରହିବ। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ଗଭୀର ସମବେଦନା ଜଣାଉଛି।

## ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କଲେ ନବୀନ ପଟ୍ଟନାୟକ



ଭୁବନେଶ୍ୱର: ପାଠ୍ୟପୁସ୍ତକ ତ୍ରୁଟି ପ୍ରସଙ୍ଗରେ ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରିଛନ୍ତି। ପାଠ୍ୟ ପୁସ୍ତକରେ ତ୍ରୁଟି ଲାଗି ଗତ ୧୫ ଦିନ ହେବ ବିଜେଡି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରିଆସୁଥିବା ସେ କହିଛନ୍ତି।

ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ, ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରତ୍ୟାହାର ହେବ ଏବଂ ଛାତ୍ରଛାତ୍ରୀଙ୍କୁ ନୂତନ ସଂଶୋଧିତ ପାଠ୍ୟପୁସ୍ତକ ଦିଆଯିବ। ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଦିନକ ତଳେ ଗଣମାଧ୍ୟମରେ କହିଲେ ଏବର୍ଷ ତ୍ରୁଟିପୂର୍ଣ୍ଣ ବହିରେ ପାଠପଢ଼ା ହେବ। ବିଦ୍ୟାଳୟକୁ ସଂଶୋଧିତ ତଥ୍ୟ ପୁସ୍ତିକା ପ୍ରଦାନ କରାଯିବ ବୋଲି କହିଥିଲେ।

ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ତ୍ରୁଟିଶୂନ୍ୟ ନୂତନ ପାଠ୍ୟପୁସ୍ତକ ଯୋଗାଇ ଦିଆଯିବ। ବର୍ତ୍ତମାନ ପାଠ୍ୟପୁସ୍ତକରେ ଥିବା ତ୍ରୁଟିଗୁଡ଼ିକର ତର୍ଜମା ଚାଲିଛି। ଖୁବଶୀଘ୍ର ସଂଶୋଧିତ ବହି ବିଭାଗୀୟ ୱେବ୍‌ସାଇଟ୍/ଓସେପା ୱେବ୍‌ସାଇଟ୍‌ରେ ଶିକ୍ଷାବିତ୍ ତଥା ଜନସାଧାରଣଙ୍କ ମତାମତ ନିମନ୍ତେ ଦିଆଯିବ। ସମସ୍ତଙ୍କ ମତାମତକୁ ବିଚାର କରି ଛାତ୍ରଛାତ୍ରୀଙ୍କୁ ସଂଶୋଧିତ ବହି ପ୍ରଦାନ କରାଯିବ। ତେବେ ନୂତନ ପାଠ୍ୟପୁସ୍ତକ ଯୋଗାଣ ପର୍ଯ୍ୟନ୍ତ ସଂଶୋଧିତ ତଥ୍ୟ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ଦିଆଯାଇ ପାଠପଢ଼ା ଚାଲୁ ରହିବ। ପାଠପୁସ୍ତକରେ କିଛି ଗୁରୁଚଣ୍ଡାଳ ଭୁଲ୍ ରହିଛି। ତାହାକୁ ଆମେ ସୁଧାରିବୁ ବୋଲି ଗଣଶିକ୍ଷା ସଚିବ ଏନ୍ ତିରୁମାଲା ନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ।

■ ଭକ୍ତ-ମହାପ୍ରଭୁଙ୍କ ଅତୁଟ ସଂପର୍କ

# ରଥଯାତ୍ରା ପାଇଁ ଭାରରେ ଯାଆନ୍ତି ଶ୍ରୀଜଗନ୍ନାଥ

*କୋଟି ଓଡ଼ିଆଙ୍କ ମଉଡ଼ମଣି ମହାପ୍ରଭୁ ଜଗନ୍ନାଥଙ୍କ ମାହାତ୍ମ୍ୟ ଅପାର। କେଉଁଠି ସେ କେଉଁଭଳି ପୂଜା ପାଆନ୍ତି ତାହା ମହାପ୍ରଭୁଙ୍କୁ ଜଣା। ବଲାଙ୍ଗୀର ଜିଲ୍ଲାର ବିଭିନ୍ନ ସ୍ଥାନରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ଏହାର ଭିନ୍ନ ପରମ୍ପରା ପାଟଣାଗଡ଼ ବ୍ଲକ୍ ଲରମ୍ବାର....*

**ବଲାଙ୍ଗୀର:** କୋଟି ଓଡ଼ିଆଙ୍କ ମଉଡ଼ମଣି ମହାପ୍ରଭୁ ଜଗନ୍ନାଥଙ୍କ ମାହାତ୍ମ୍ୟ ଅପାର। କେଉଁଠି ସେ କେଉଁଭଳି ପୂଜା ପାଆନ୍ତି ତାହା ମହାପ୍ରଭୁଙ୍କୁ ଜଣା। ବଲାଙ୍ଗୀର ଜିଲ୍ଲାର ବିଭିନ୍ନ ସ୍ଥାନରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ଏହାର ଭିନ୍ନ ପରମ୍ପରା ପାଟଣାଗଡ଼ ବ୍ଲକ୍ ଲରମ୍ବାର ଖୁରିପାଣି ଗାଁରେ ଦେଖିବାକୁ ମିଳେ। ଆଜି ଗାଁରେ ଏକଚକିଆ ରଥଯାତ୍ରା ଅନୁଷ୍ଠିତ ହୋଇଛି। ରଥରେ ବିଜେ ହୋଇ ମହାପ୍ରଭୁ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଲୋକ କଥା ମୁତାବକ ସ୍ୱାଧୀନତାର ବହୁ ବର୍ଷ ପୂର୍ବରୁ ଲରମ୍ବା ଖୁରିପାଣି ଗାଁର ଗୌନ୍ତିଆ ଓ ବରଗଡ଼ ଜିଲ୍ଲା ତାଳପାଲି ଗାଁର ଗୌନ୍ତିଆ ଥିଲେ ସ୍ୱର୍ଗତ ରାଜେନ୍ଦ୍ର ସାହୁ। ସେ ବରଗଡ଼ ଜିଲ୍ଲା ଘେଁସରେ ଏକଚକିଆ ରଥଯାତ୍ରା ଦେଖିଥିଲେ। ସେହି ଅନୁସାରେ, ଖୁରିପାଣି ଓ ତାଳପାଲି ଗାଁରେ ମହାପ୍ରଭୁଙ୍କ ଏକଚକିଆ ରଥ ଓ ବାହୁଡ଼ା ଯାତ୍ରା ଆରମ୍ଭ କରିଥିଲେ।



ଦ୍ୱିତୀୟାରେ ଖୁରିପାଣି ଗାଁରେ ରଥଯାତ୍ରା ଓ ତାଳିପାଲି ଗାଁରେ ବାହୁଡ଼ା ସଂପନ୍ନ ହେଉଥିବା ଖୁରିପାଣି ଗାଁର ବାସିନ୍ଦା ଗୁଣନିଧି ସାହୁ ସୂଚନା ଦିଅନ୍ତି। ଏହି କ୍ରମରେ ପାଟଣାଗଡ଼ ବ୍ଲକ୍‌ର ଘୁମେର, ଗଡ଼ିଆଜୋର ଅଞ୍ଚଳରେ ମଧ୍ୟ ଏହି ରଥଯାତ୍ରା ହେଉଥିଲା। କାଳକ୍ରମେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଗତ ୪ ବର୍ଷ ହେଲା ଏଠାରେ ପ୍ରଚଳିତ ରଥ ପରମ୍ପରାରେ ପରିବର୍ତ୍ତନ ହୋଇଛି।

## ପ୍ରଯୋଜକ ମନୋଜଙ୍କ ନାଁରେ ଏତଲା ଦେଲେ ଦାନ ମାଝୀ



**ପାଟଣାଗଡ଼:** ବଲାଙ୍ଗୀରଜିଲ୍ଲା ପାଟଣାଗଡ଼ ଥାନାରେ ସମ୍ବଲପୁରର ପ୍ରଯୋଜକ ମନୋଜ ବାଗ୍‌ଙ୍କ ନାଁରେ ସେ ଏତଲା ଦେଇଛନ୍ତି ବହୁ ଚର୍ଚ୍ଚିତ ଦାନ ମାଝୀ।। ଦାନ ମାଝୀଙ୍କ ଅଭିଯୋଗ ଯେ ପ୍ରଯୋଜକ ମନୋଜ ବାଗଙ୍କ କ୍ଷୁଦ୍ର ଚଳଚ୍ଚିତ୍ର 'ଲାଶ୍ ' ତାଙ୍କ ବ୍ୟକ୍ତିଗତ କାହାଣୀ ଉପରେ ଆଧାରିତ। ପ୍ରଯୋଜକ ଏହି ସିନେମା ସଂପର୍କରେ ତାଙ୍କ ସହ କଥା ହୋଇନାହାନ୍ତି କି ତାଙ୍କର ଅନୁମତି ନେଇନାହାନ୍ତି। ଏଣୁ ସେ ସମ୍ବଲପୁରର ପ୍ରଯୋଜକ ମନୋଜ ବାଗ୍ ଙ୍କ ନାଁରେ ସେ ଏତଲା ଦେଇଥିବା କହିଛନ୍ତି ଦାନ ମାଝୀ । ମନୋଜ କୁମାର ବାଗ୍ ଏକାଧାରରେ ଜଣେ ନିର୍ଦ୍ଦେଶକ, ଏଡିଟର, ଲେଖକ, ଅଭିନେତା ଏବଂ ପ୍ରଯୋଜକ। ସେ କ୍ଷୁଦ୍ର ଚଳଚ୍ଚିତ୍ର 'ଲାଶ୍'ର ନିର୍ଦ୍ଦେଶନା ଦେବା ସହ ଏହାର ପ୍ରଯୋଜନା କରିଥିଲେ, ଯାହା ଇଣ୍ଡୋ-ସିଙ୍ଗାପୁର ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହୋଇଥିଲା।

# ବନ୍ଦ ହେଲା ବାବା ପଞ୍ଚଲିଙ୍ଗେଶ୍ୱରଙ୍କ ଦର୍ଶନ ଓ ସ୍ପର୍ଶ

**ନୀଳଗିରି:** ବନ୍ଦହେଲା ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱରଙ୍କ ଦର୍ଶନ ଓ ସ୍ପର୍ଶ । ଜଳସ୍ତର ବଢ଼ୁଥିବାରୁ ଗେଟରେ ତାଲା ପକାଇଲା ଟ୍ରଷ୍ଟବୋର୍ଡ, ନିରାଶ ହୋଇ ଫେରିଲେ ଭକ୍ତ। ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବନ୍ଦ କରାଯାଇଥିବା କହିଲେ ଟ୍ରଷ୍ଟି ମ୍ୟାନେଜର। ଶ୍ରାବଣ ସୋମବାର ଥିବାରୁ କୋଣ ଅନୁକୋଣରୁ ବିଭିନ୍ନ ଜଳ ଉତ୍ସରୁ କାଉଡିଆ ଭକ୍ତମାନେ ଜଳ ଉତ୍ତୋଳନ କରି ବାବା ପଞ୍ଚଲିଙ୍ଗେଶ୍ୱରଙ୍କ ପୀଠକୁ ପାଣି ଢାଳିବାକୁ ଆସିଛନ୍ତି। ରାତି ୧୨ଟାରୁ ଜଳାଭିଷେକ ହୋଇଥିବା ବେଳେ ପଥର ଖୋଲରେ ଥିବା ପଞ୍ଚଲିଙ୍ଗଙ୍କ ଉପରେ ଅଧିକ ପାଣି ଚାଲୁଥିବାରୁ ସ୍ପର୍ଶ ଦର୍ଶନ ବନ୍ଦ କରାଯାଇଛି।



## ବ୍ରଜରାଜନଗର ପୁଲିସର ଏନକାଉଣ୍ଟର



**ବ୍ରଜରାଜନଗର:** ବ୍ରଜରାଜନଗର ପୁଲିସ ଗୁଳି ବିନିମୟ ଘଟଣାରେ କୁଖ୍ୟାତ ଅପରାଧୀ ଅଙ୍କିତ ଘୋଷ ଗୁଳିବିଦ୍ଧ ହୋଇ ଆହତ ହୋଇଛନ୍ତି। ଇବ୍ ନଦୀ ଓ ପିଏମ ଘାଟ ଅଞ୍ଚଳରେ ଅଙ୍କିତ ଓ ତାଙ୍କ ସହଯୋଗୀମାନେ ବସି କୌଣସି ଅପରାଧିକ ଯୋଜନା କରୁଥିବା ଖବର ପାଇ ବ୍ରଜରାଜନଗର ପୁଲିସ ଘଟଣାସ୍ଥଳରେ ଚଢ଼ାଉ କରିଥିଲା। ପୁଲିସକୁ ଦେଖି ଅଙ୍କିତ ପ୍ରଥମେ ୫ ରାଉଣ୍ଡ ଗୁଳି ଚଳାଇଥିଲେ। ଆତ୍ମରକ୍ଷା ପାଇଁ ପୁଲିସ ମଧ୍ୟ ପାଲଟା ୪ ରାଉଣ୍ଡ ଗୁଳି ଚଳାଇଥିଲା। ଏହି ଗୁଳି ବିନିମୟରେ ଅଙ୍କିତ ଆହତ ହୋଇଥିଲେ। ପୁଲିସ ତାଙ୍କୁ ତୁରନ୍ତ ଉଦ୍ଧାର କରି ଚିକିତ୍ସା ପାଇଁ ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରିଛି। ତାଙ୍କ ଅନ୍ୟ ସହଯୋଗୀମାନେ ଅନ୍ଧାର ସୁଯୋଗ ନେଇ ଫେରାର ହୋଇଯାଇଥିବା ବେଳେ ପୁଲିସ ସେମାନଙ୍କୁ ଧରିବା ପାଇଁ ଅଭିଯାନ ଜାରି ରଖିଛି।

# ଶକ୍ତି ହେଉଛି ବିକାଶର ମୂଳ ଆଧାର

ଆଧୁନିକ ଯୁଗରେ ଶକ୍ତି ହେଉଛି ବିକାଶର ମୂଳ ଆଧାର। ବିଦ୍ୟୁତ୍ ବିନା ଆଜିର ଜୀବନଯାତ୍ରାକୁ କଳ୍ପନା କରିବା ଅସମ୍ଭବ। କିନ୍ତୁ ଜନସଂଖ୍ୟା ବୃଦ୍ଧି, ଶିଳ୍ପାୟନ ଓ ସହରୀକରଣ ଫଳରେ ଶକ୍ତିର ଚାହିଦା ଦିନକୁଦିନ ବଢ଼ିଚାଲିଛି।

ଭାରତ ପରି ଦେଶରେ ସୂର୍ଯ୍ୟକିରଣର ପ୍ରଚୁରତା ଥିବାରୁ ସୌରଶକ୍ତିର ବ୍ୟବହାର ଅତ୍ୟନ୍ତ ସମ୍ଭାବନାମୟ। ଗ୍ରାମାଞ୍ଚଳରେ ସୌରପ୍ୟାନେଲ ସ୍ଥାପନକରି ବିଦ୍ୟୁତ୍ ଉତ୍ପାଦନ କରାଯାଇପାରିବ, ଯାହା ଲୋକଙ୍କର ଦୈନନ୍ଦିନ ଜୀବନକୁ ସହଜ ଓ ସୁବିଧାଜନକ କରିଥାଏ। ଚାଷୀମାନେ ସୌରଚାଳିତ ପମ୍ପ ମାଧ୍ୟମରେ କମ୍ ଖର୍ଚ୍ଚରେ ଜମିକୁ ଜଳସେଚନ କରିପାରିବେ। ସୌରଗ୍ରାମ କେବଳ ଶକ୍ତି ଯୋଗାଣରେ ସୀମିତ ନୁହେଁ; ଏହା ଗ୍ରାମୀଣ ଅର୍ଥନୀତିକୁ ମଧ୍ୟ ସୁଦୃଢ଼ କରିଥାଏ। ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଦ୍ୱାରା କ୍ଷୁଦ୍ରଶିଳ୍ପ ଓ ବ୍ୟବସାୟର ବିକାଶ ହୁଏ। ଶିକ୍ଷାନୁଷ୍ଠାନ ଓ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକ ମଧ୍ୟ ଏଥିରୁ ଉପକୃତ ହୁଅନ୍ତି।

କୃଷିକ୍ଷେତ୍ରରେ ସୌରଗ୍ରାମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଚାଷୀମାନେ ସୌରଚାଳିତ ଜଳସେଚନ ପମ୍ପ ବ୍ୟବହାର କରି ଡିଜେଲ ଖର୍ଚ୍ଚରୁ ମୁକ୍ତି ପାଇପାରିବେ। ଏହା ଉତ୍ପାଦନ ଖର୍ଚ୍ଚ କମାଇବା ସହିତ କୃଷିକୁ ଅଧିକ ଲାଭଜନକ କରିଥାଏ। ଏହାଛଡ଼ା ଫସଲ ସଂରକ୍ଷଣ, ଶୀତଳ ଭଣ୍ଡାରଣ ଓ କୃଷିଉତ୍ପାଦ ପ୍ରକ୍ରିୟାକରଣରେ ମଧ୍ୟ ସୌରଶକ୍ତିର ବ୍ୟବହାର କରାଯାଇପାରେ। ସୌରଗ୍ରାମ ଗ୍ରାମୀଣ ଅର୍ଥନୀତିକୁ ସଶକ୍ତ କରିଥାଏ। ନିରନ୍ତର ବିଦ୍ୟୁତ୍ ଯୋଗାଣ ଥିବାରୁ କ୍ଷୁଦ୍ର ଓ କୁଟିରଶିଳ୍ପର ବିକାଶ ସମ୍ଭବ ହୁଏ। ଯୁବପିଢ଼ି ପାଇଁ ନୂତନ ରୋଜଗାର ସୁଯୋଗ ସୃଷ୍ଟିହୁଏ। ଗ୍ରାମରେ ଉଦ୍ୟୋଗ ସ୍ଥାପନର ସମ୍ଭାବନା ବଢ଼େ ଏବଂ ସହରମୁଖୀ ବିସ୍ଥାପନ ହ୍ରାସପାଏ।

ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ସୌରଗ୍ରାମ ଏକ ସକାରାତ୍ମକ ପରିବର୍ତ୍ତନ ଆଣିପାରେ। ବିଦ୍ୟୁତ୍ ଅଭାବ ଯୋଗୁ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ଯେଉଁ ବାଧାସୃଷ୍ଟି ହୁଏ, ସୌରଶକ୍ତି ତାହାକୁ ଦୂର କରିପାରିବ। ସେହିପରି ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଔଷଧ ସଂରକ୍ଷଣ, ଚିକିତ୍ସା ଉପକରଣ ପରିଚାଳନା ଓ ଜରୁରୀ ସେବା ଯୋଗାଣ ଅଧିକ ସୁଗମ ହୋଇପାରିବ।

ପରିବେଶ ସୁରକ୍ଷା ଦୃଷ୍ଟିରୁ ସୌରଗ୍ରାମର ଗୁରୁତ୍ୱ ଅନସ୍ୱୀକାର୍ଯ୍ୟ। ସୌରଶକ୍ତି ବ୍ୟବହାର ଦ୍ୱାରା କାର୍ବନ ବା ଅଙ୍ଗାର ନିର୍ଗମନ କମିଥାଏ ଏବଂ ବାୟୁ ପ୍ରଦୂଷଣ ହ୍ରାସପାଏ। ଏହା ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱତାପନ ଭଳି ବିଶ୍ୱସ୍ତରୀୟ ସମସ୍ୟାର ମୁକାବିଲାରେ ସହାୟକ ହୁଏ। ସବୁଜ ଓ ସ୍ୱଚ୍ଛ ପରିବେଶ ଗଠନରେ ଏହାର ଅବଦାନ ଅତୁଳନୀୟ। ଭାରତ ଏବେ ମୋଟ ଶକ୍ତିର ୫୧ ପ୍ରତିଶତ ନବୀକରଣଯୋଗ୍ୟ ସୌର, ପବନ, ଜଳବିଦ୍ୟୁତ୍ ଓ ଜୈବଇନ୍ଧନ ମାଧ୍ୟମରେ ଉତ୍ପାଦନ କରୁଛି । ୨୦୩୦ ସୁଦ୍ଧା ଏହି ଶକ୍ତି ବାର୍ଷିକ ୫୦୦ ଗିଗାୱାଟ ହେବାର ଲକ୍ଷ୍ୟ ରହିଛି ।

ତେବେ ସୌରଗ୍ରାମ ଗଠନରେ କିଛି ଅସୁବିଧା ମଧ୍ୟ ରହିଛି। ପ୍ରାରମ୍ଭିକ ବିନିଯୋଗ ଅଧିକ ହେବା, ରକ୍ଷଣାବେକ୍ଷଣ ଏବଂ ସଚେତନତାର ଅଭାବ ଯୋଗୁ କେତେକ ଏଥିପାଇଁ ଆଗ୍ରହୀ ହୋଇ ନ ପାରନ୍ତି। ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ସରକାରୀ, ବେସରକାରୀ ସଂସ୍ଥା ଓ ସାଧାରଣ ଲୋକଙ୍କର ସମନ୍ୱିତ ପ୍ରୟାସ ଆବଶ୍ୟକ। ସରକାରୀ ସବ୍‌ସିଡି, ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଓ ଜନସଚେତନତା ଅଭିଯାନ ଏହି କ୍ଷେତ୍ରରେ ବିଶେଷ ସହାୟକ ହୋଇପାରିବ। ଏବେ ଯେତେବେଳେ ବିଶ୍ୱ ସ୍ଥାୟୀ ବିକାଶର ପଥ ଖୋଜୁଛି, ସେତେବେଳେ ସୌରଗ୍ରାମ ଏକ ପ୍ରଭାବଶାଳୀ ମଡେଲ ଭାବେ ଉଭାହୋଇଛି। ଏହା କେବଳ ବିଦ୍ୟୁତ୍ ଉତ୍ପାଦନର ଏକ ବ୍ୟବସ୍ଥା ନୁହେଁ ବରଂ ଆତ୍ମନିର୍ଭରତା, ପରିବେଶ ସୁରକ୍ଷା ଓ ସାମଗ୍ରିକ ଗ୍ରାମୀଣ ବିକାଶର ଏକ ସମନ୍ୱିତ ଦୃଷ୍ଟିକୋଣ। ତେଣୁ ସମୟର ଆହ୍ୱାନ ହେଉଛି ପ୍ରତ୍ୟେକ ଗ୍ରାମକୁ ଏକ ସୌରଗ୍ରାମରେ ପରିଣତ କରିବା; ଯାହା ମାଧ୍ୟମରେ ଏକ ସବୁଜ, ସମୃଦ୍ଧ ଓ ଆତ୍ମନିର୍ଭର ଭାରତ ଗଠନ ସମ୍ଭବ ହୋଇପାରିବ। ସୌରଗ୍ରାମ ଗଠନ ପାଇଁ ସରକାରୀ ସହାୟତା, ଜନସଚେତନତା ଓ ଯଥେଷ୍ଟ ବିନିଯୋଗ ଆବଶ୍ୟକ। ଯଦି ଏହି କ୍ଷେତ୍ରରେ ସମସ୍ତଙ୍କର ସହଯୋଗ ମିଳେ, ତେବେ ସୌରଗ୍ରାମ ଭାରତର ଗ୍ରାମୀଣ ବିକାଶକୁ ଏକ ନୂତନ ଦିଗ ଦେଇପାରିବ। ସୌରଗ୍ରାମ ହେଉଛି ଆତ୍ମନିର୍ଭରଶୀଳ, ସ୍ୱଚ୍ଛ ଓ ସବୁଜ ଭବିଷ୍ୟତ ଗଠନର ଏକ ସଫଳ ପଦକ୍ଷେପ। ଏହାହିଁ ହେବ ସବୁଜ ବିକାଶର ଅସଲ ଭିତ୍ତିଭୂମି।

# ଯେଉଁ ମାର୍ଗରେ ହେଉନା କାହିଁକି ପରମାତ୍ମାଙ୍କ ଠାରେ ଆତ୍ମସମର୍ପଣ ହିଁ ମନୁଷ୍ୟ ଜୀବନର ସାର୍ଥକତା

■ ସୀମାଞ୍ଚଳ ପଣ୍ଡା



କେହି କେହି ସତତ ମୋର କୀର୍ତ୍ତନ କରନ୍ତି, ଜ୍ଞାନ ଲାଭ ପାଇଁ ପ୍ରଯତ୍ନ କରନ୍ତି । ଭକ୍ତି ସହକାରେ ନମସ୍କାର କରନ୍ତି, ଉପାସନା କରନ୍ତି । ଆରାଧନା କରନ୍ତି । ଇଷ୍ଟଦେବ ଭାବରେ ପୂଜା କରନ୍ତି ଏବଂ କେହି କେହି ମୋର ସର୍ବବ୍ୟାପକ ବିଶ୍ୱରୂପକୁ ହୃଦୟଙ୍ଗମ କରି ବହୁବିଧ ଭାବେ ମୋର ଉପାସନା କରନ୍ତି । ଏହିପରି ବିଭିନ୍ନ ଭାବରେ ମୋ ଠାରେ ସମର୍ପିତ ହୋଇ ମୋର ଆଶୀର୍ବାଦ ଏବଂ ମୋକ୍ଷପ୍ରାପ୍ତି ଫଳ ଲାଭ କରନ୍ତି ।

ଶ୍ରୀମଦ୍‌ଭଗବତ୍‌ଗୀତାର ନବମ ଅଧ୍ୟାୟଟିର ନାମ 'ରାଜବିଦ୍ୟାରାଜଗୁହ୍ୟଯୋଗ' । ଏହି ଅଧ୍ୟାୟର ସାରତତ୍ତ୍ୱ ହେଲା ପରମେଶ୍ୱରଙ୍କ ଠାରେ ଆତ୍ମସମର୍ପଣ ଏବଂ ଅନନ୍ୟ ଶରଣଗତି ହିଁ ଈଶ୍ୱରଙ୍କ ଆଶୀର୍ବାଦ, ଭକ୍ତି ଏବଂ ମୋକ୍ଷଫଳପ୍ରାପ୍ତିର ଏକମାତ୍ର ଉପାୟ । ଯେଉଁ ଭାବ ଓ ମାର୍ଗ ହେଉନା କାହିଁକି ଭକ୍ତି ଭାବଟି ହିଁ ସେହି ଭାବ ବା ମାର୍ଗର ମୂଳଭୂତ ବୀଜସ୍ୱରୂପ । ବୀଜଟିଏରୁ ବୃକ୍ଷଲତା ଅଙ୍କୁରିତ ହୋଇ ଫୁଲ ଓ ଫଳ ଧାରଣ କରିବା ସଦୃଶ ଭକ୍ତିରୂପକ ବୀଜଟି ସେହି ଭାବ ବା ମାର୍ଗ ମଧ୍ୟରେ କ୍ରମଶଃ ଅଙ୍କୁରିତ ହୋଇ ଈଶ୍ୱରଙ୍କ ଆଶୀର୍ବାଦ ଓ ମୋକ୍ଷରୂପକ ଫୁଲ ଓ ଫଳ ପ୍ରାପ୍ତିର ସହାୟକ ହୋଇଥାଏ । ଏହି ଅଧ୍ୟାୟରେ ଦୁଇଟି ଶବ୍ଦ ଉପରେ ଗୁରୁତ୍ୱ ଆରୋପ କରାଯାଇଛି । ସେହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଶବ୍ଦ ହେଉଛି 'ରାଜବିଦ୍ୟା ଓ ରାଜଗୁହ୍ୟ' । ବିଦ୍ୟାମାନଙ୍କ ମଧ୍ୟରେ ଯେଉଁ ବିଦ୍ୟା ଶ୍ରେଷ୍ଠ, ତାହା ରାଜବିଦ୍ୟା । ବିଦ୍ୟାର ସଂଜ୍ଞା, ସ୍ୱରୂପ ଏବଂ ତାତ୍ତ୍ୱିକ ଦିଗଟିର ସାରମର୍ମ ନିର୍ଣ୍ଣୟ କରିବାକୁ ଯାଇ ଶ୍ରୀ ବିଷ୍ଣୁପୁରାଣରେ କୁହାଯାଇଛି 'ସା ବିଦ୍ୟା ଯା ବିମୁକ୍ତୟେ' । ଯେଉଁ ଜ୍ଞାନ ଓ ତତ୍ତ୍ୱ ମନୁଷ୍ୟର ମୁକ୍ତି ଓ ମୋକ୍ଷ ପ୍ରଦାନର ମାର୍ଗ ଉନ୍ମୁକ୍ତ କରିଥାଏ, ତାହା ହେଉଛି ବିଦ୍ୟା । ସାଧାରଣତଃ ଆମେ ଯାହାକୁ ବିଦ୍ୟା ବୋଲି କହିଥାଉ, ତାହା ଜୀବନ ଧାରଣ ଓ କୁଟୁମ୍ବ ପରିପୋଷଣ ନିମିତ୍ତ କର୍ମକୌଶଳ ଏବଂ ବୃତ୍ତି ବା ପେଷା । ପରମାତ୍ମା ପରମେଶ୍ୱରଙ୍କ ବିଷୟରେ ଯାହାଦ୍ୱାରା ଜ୍ଞାନ ଆହରଣ ହୋଇଥାଏ, ତାହା ହେଉଛି ବିଦ୍ୟା । ପରମାତ୍ମାଙ୍କ ସମ୍ପର୍କରେ ଜାଣିଲେ ଏବଂ ପରମାତ୍ମା ତତ୍ତ୍ୱ ବୁଝିଲେ ଓ ଅନୁଭବ କଲେ ମୁକ୍ତିର ମାର୍ଗ ଉନ୍ମୁକ୍ତ ହୋଇଥାଏ । ମୁକ୍ତିର ଦୁଇଟି ପନ୍ଥା । ଗୋଟିଏ ପନ୍ଥା ହେଲେ ଈଶ୍ୱରଙ୍କ ନିକଟତର ହେବା ପାଇଁ ଯେଉଁ ବିଷୟ ବାଧାବିଘ୍ନ ସୃଷ୍ଟିକରିଥାନ୍ତି, ସେହି ସବୁର ନିୟନ୍ତ୍ରଣ ଗୋଟିଏ ପନ୍ଥା ଏବଂ ପରମାତ୍ମାଙ୍କ ତତ୍ତ୍ୱକୁ ଜାଣିବା ଏବଂ ନିଜକୁ ସମର୍ପଣ କରିବା ହେଉଛି ଅନ୍ୟଏକ ପନ୍ଥା । କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ଏହି ଛଅଟି ବିଷୟ ମନୁଷ୍ୟର ପରମ ଶତ୍ରୁ । ମନୁଷ୍ୟର ସାଂସାରିକ ବିକାଶ ଓ ଆଧ୍ୟାତ୍ମିକ ବିକାଶରେ ବାଧକ ସାଜିଥାନ୍ତି । ଏହି ଛଅଟି ବିଷୟକୁ ଷଡ଼ରିପୁ କୁହାଯାଏ । ଏହି ଛଅଟି ବିଷୟକୁ ନିୟନ୍ତ୍ରଣରେ ନରଖିଲେ ଏବଂ ସଂଯମତା ଆଚରଣ ନକଲେ, ଈଶ୍ୱରଙ୍କ ନିକଟତର ହେବା ସମ୍ଭବ ନୁହେଁ । ଈଶ୍ୱରଙ୍କ ନିକଟତର ହେଲେ, ଈଶ୍ୱର ଆମ ପାଇଁ ମୁକ୍ତିର ମାର୍ଗ ଉନ୍ମୁକ୍ତ କରିଥାନ୍ତି । ଆତ୍ମଜ୍ଞାନ ବା ବ୍ରହ୍ମଜ୍ଞାନ ବିଷୟକ ବିଦ୍ୟା ହେଉଛି 'ରାଜବିଦ୍ୟା' । ଏହି ବିଦ୍ୟାର ତତ୍ତ୍ୱ ଅତ୍ୟନ୍ତ ଗୋପନୀୟ

**ଯେଉଁ ଭାବ ଓ ମାର୍ଗ ହେଉନା କାହିଁକି ଭକ୍ତି ଭାବଟି ହିଁ ସେହି ଭାବ ବା ମାର୍ଗର ମୂଳଭୂତ ବୀଜସ୍ୱରୂପ । ବୀଜଟିଏରୁ ବୃକ୍ଷଲତା ଅଙ୍କୁରିତ ହୋଇ ଫୁଲ ଓ ଫଳ ଧାରଣ କରିବା ସଦୃଶ ଭକ୍ତିରୂପକ ବୀଜଟି ସେହି ଭାବ ବା ମାର୍ଗ ମଧ୍ୟରେ କ୍ରମଶଃ ଅଙ୍କୁରିତ ହୋଇ ଈଶ୍ୱରଙ୍କ ଆଶୀର୍ବାଦ ଓ ମୋକ୍ଷରୂପକ ଫୁଲ ଓ ଫଳ ପ୍ରାପ୍ତିର ସହାୟକ ହୋଇଥାଏ । ଏହି ଅଧ୍ୟାୟରେ ଦୁଇଟି ଶବ୍ଦ ଉପରେ ଗୁରୁତ୍ୱ ଆରୋପ କରାଯାଇଛି । ସେହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଶବ୍ଦ ହେଉଛି 'ରାଜବିଦ୍ୟା ଓ ରାଜଗୁହ୍ୟ' ।**

ଏବଂ ଗୂଢ଼ । ଏହି ବିଦ୍ୟାର ଅଧିକାରୀ ସାଧୁ, ସନ୍ଥ, ମହାତ୍ମା ଆଦି ବ୍ରହ୍ମଜ୍ଞାନୀମାନେ ସହଜରେ ମିଳନ୍ତି ନାହିଁ । ସେମାନଙ୍କୁ ଖୋଜିବାକୁ ପଡ଼େ । ସେମାନେ ଯୋଗ୍ୟପାତ୍ର ଓ ସତ୍‌ପାତ୍ର ଦେଖି ବହୁ ପରୀକ୍ଷା ନିରୀକ୍ଷା ପୂର୍ବକ ଏହି ବିଦ୍ୟା ପ୍ରଦାନ କରିଥାନ୍ତି । ଜ୍ଞାନ ଓ ଅନୁଭବ ଦ୍ୱାରା ରାଜବିଦ୍ୟା ପ୍ରାପ୍ତ ହୋଇଥାଏ । ଏହି ବ୍ରହ୍ମଜ୍ଞାନ ହେଉଛି ବିଜ୍ଞାନ ସହିତ ବା ଅନୁଭବ ସହିତ । ଆତ୍ମଜ୍ଞାନ ଏବଂ ଅନୁଭବସିଦ୍ଧ ହେଲେ ହିଁ ମନୁଷ୍ୟ ହୃଦୟଙ୍ଗମ କରିପାରିବ ଯେ ବ୍ରହ୍ମ ଏକ ଏବଂ ଅନୁଭବସିଦ୍ଧ ହେଲେ ହିଁ ମନୁଷ୍ୟ ହୃଦୟଙ୍ଗମ କରିପାରିବ ଯେ ବ୍ରହ୍ମ ଏକ ଏବଂ ଅଦ୍ୱିତୀୟ । ଏହି ଜଗତର ସବୁକିଛି ବ୍ରହ୍ମଙ୍କର ସତ୍ତା । ଅତ୍ୟନ୍ତ ଗୋପନୀୟ ଏବଂ ଶ୍ରେଷ୍ଠ ବିଦ୍ୟା ରାଜବିଦ୍ୟା ବିଷୟରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଉପଦେଶ ଦେଇଥିବା ଯୋଗୁଁ ଏହି ଅଧ୍ୟାୟର ନାମ 'ରାଜବିଦ୍ୟା ରାଜଗୁହ୍ୟ ଯୋଗ' । ରାଜବିଦ୍ୟା ସୁଖ, ଶାନ୍ତି, ଆନନ୍ଦ ଓ ମୁକ୍ତିର ବିଦ୍ୟା । ଏହି ବିଦ୍ୟା ସହଜଲଭ୍ୟ ନୁହେଁ । ଗୁରୁଜ୍ଞାନ ଏବଂ ଆତ୍ମାନୁଭୂତି ଦ୍ୱାରା ହିଁ ଏହି ବିଦ୍ୟା ପ୍ରାପ୍ତ ହୋଇଥାଏ।

ପରମେଶ୍ୱରଙ୍କ ନିକଟତର ହେବା ଏବଂ ଆଶୀର୍ବାଦ ପାଇବା ପାଇଁ କୀର୍ତ୍ତନ ହେଉଛି ଗୋଟିଏ ପନ୍ଥା । ଏହି ପନ୍ଥା ମାଧ୍ୟମରେ ପରମାତ୍ମାଙ୍କର ରୂପ, ଗୁଣ, ଲୀଳା ମହାତ୍ମ୍ୟ ଯଶ ଓ ନାମ ବର୍ଣ୍ଣନା କରାଯାଏ, ଉଚ୍ଚାରଣ କରାଯାଏ । କୀର୍ତ୍ତନ ଦ୍ୱାରା ପରମେଶ୍ୱରଙ୍କୁ ପାଇବା ପାଇଁ ଇନ୍ଦ୍ରିୟ ସଂଯମ ଓ ଅହିଂସା ପାଳନ ପାଇଁ ପ୍ରଯତ୍ନଶୀଳ ହୋଇ ଈଶ୍ୱରଙ୍କ ଗୁଣ, ଲୀଳା, ନାମ, କୀର୍ତ୍ତନ କଲେ ସମୟକ୍ରମେ ଇନ୍ଦ୍ରିୟ ସଂଯମ ହୋଇଯାଏ । 'ଭକ୍ତି' ଅନ୍ୟ ଏକ ପନ୍ଥା । ରାଗ ଓ ଅନୁରାଗ ଓ ଅନୁରକ୍ତି ଦ୍ୱାରା ଅର୍ଥାତ୍ ଈଶ୍ୱରଙ୍କ ପ୍ରତି ପ୍ରେମପୂର୍ଣ୍ଣ ଭାବଦ୍ୱାରା ଭକ୍ତି ଉଦ୍ରେକ ହୋଇଥାଏ । କୌଣସି ବ୍ୟକ୍ତିଙ୍କର କୌଣସି ଉପକାର ଓ ଅବଦାନକୁ ସ୍ୱୀକାର କଲେ ଏବଂ ହୃଦୟଙ୍ଗମ କଲେ ଭକ୍ତିଭାବ ଆସିଥାଏ, ଯେପରି ପିତାମାତା ଓ ଗୁରୁଙ୍କ ପ୍ରତି ଭକ୍ତି ଓ ଅନୁରକ୍ତି । ମାତୃଗର୍ଭରେ ପିଣ୍ଡ ସଂଚାର ହେବାଠାରୁ ଶ୍ମଶାନରେ ଶେଷଚିତା ଜଳିଲା ପର୍ଯ୍ୟନ୍ତ ସମସ୍ତ ଆବଶ୍ୟକତା ପ୍ରକୃତିଠାରୁ ମିଳିଥାଏ । ସେହି ପ୍ରାକୃତିକ ସଂପଦ ପରମାତ୍ମାଙ୍କ ଦାନ । ସେସବୁ ଯୋଗାଇବା ପାଇଁ ପିତାମାତା ଏକ ମାଧ୍ୟମ । ଏଣୁ ଈଶ୍ୱର ଆମର ପରମପିତା ଓ ମାତା । ଏହି ଦୃଷ୍ଟିରୁ ଈଶ୍ୱରଙ୍କୁ 'ତ୍ୱମେବ ପିତା ଚ ମାତା ତ୍ୱମେବ' ବୋଲି ସ୍ତୁତି କରାଯାଇଥାଏ । ଯେଉଁମାନେ ପିତାମାତାଙ୍କ ଅବଦାନ ଭୁଲି ସେମାନଙ୍କୁ ହେୟଜ୍ଞାନ କରନ୍ତି, ଭକ୍ତି କରନ୍ତି ନାହିଁ, ସେମାନେ କିପରି ବା ଈଶ୍ୱରଙ୍କୁ ଶ୍ରେୟଜ୍ଞାନ କରିବେ ଏବଂ ଭକ୍ତି କରିବେ । ପିତାମାତାଙ୍କ ନିକଟରେ ସେମାନେ ଯେପରି ଅକୃତଜ୍ଞ, ଈଶ୍ୱରଙ୍କ ନିକଟରେ ମଧ୍ୟ ସେହିପରି ସେମାନଙ୍କର ଭକ୍ତି ଛଳନାର ଭକ୍ତି, ଶୁଦ୍ଧଭକ୍ତି ନୁହେଁ ।

ଈଶ୍ୱରଙ୍କୁ ପାଇବା ପାଇଁ ଜ୍ଞାନଯଜ୍ଞ ବା ଈଶ୍ୱରୀୟ ଜ୍ଞାନ ହେଉଛି ଆଉଏକ ପନ୍ଥା । ଏହି ଜ୍ଞାନ ହେଉଛି ଆତ୍ମଜ୍ଞାନ ଏବଂ ପରମାତ୍ମା ତତ୍ତ୍ୱ । ଆତ୍ମଜ୍ଞାନଯଜ୍ଞ ଅର୍ଥ ନିରନ୍ତର ବ୍ରହ୍ମତତ୍ତ୍ୱରେ ନିମଜ୍ଜିତ ରହିବା । ଆତ୍ମା ଓ ପରମାତ୍ମା ଯୋଗରେ ସମାଧିସ୍ଥ ହେବା । ସୃଷ୍ଟିର ପ୍ରତିଟି ଅଣୁରେ ଏକମାତ୍ର ବ୍ରହ୍ମଙ୍କର ସତ୍ତା ବିହିତ । ସମସ୍ତ ଜଗତର ବ୍ରହ୍ମ ଏକମାତ୍ର ଶକ୍ତି । ଏହିପରି ଭାବରେ କେହି କେହି ଈଶ୍ୱରଙ୍କୁ ଉପାସନା କରନ୍ତି । କେହି କେହି ଈଶ୍ୱରଙ୍କ ପ୍ରକାଶିତ ସତ୍ତା ଓ ଶକ୍ତିକୁ ଆଦିତ୍ୟ, ଚନ୍ଦ୍ରମା, ଅଗ୍ନି, ବରୁଣ ଆଦି ପୃଥକ୍ ପୃଥକ୍ ଦେବତାଜ୍ଞାନରେ ପରମାତ୍ମାଙ୍କର ଉପାସନା କରନ୍ତି । କେହି କେହି ସମଗ୍ର ବିଶ୍ୱ ଈଶ୍ୱରଙ୍କ ରୂପ ମନେକରି ଉପାସନା କରନ୍ତି । ଏହିପରି ବିଭିନ୍ନ ଭାବରେ ଏବଂ ବିଭିନ୍ନ ମାର୍ଗରେ ଭକ୍ତମାନେ ଭଗବାନ୍‌ଙ୍କର ପୂଜା, ଉପାସନା ଓ ଆରାଧନା କରିଥାନ୍ତି । ଆମର ଯାହା ପ୍ରୟୋଜନ ଏବଂ ଆମେ ଯାହା ଉପଯୋଗ ଓ ଉପଭୋଗ କରୁଛେ, ସେ ସବୁ ଈଶ୍ୱରଙ୍କ ଦାନ । ଏଣୁ ଈଶ୍ୱର ଭକ୍ତି ଓ ଈଶ୍ୱରଙ୍କ ଠାରେ ସମର୍ପଣ ପ୍ରତି ମନୁଷ୍ୟର ପରମ କର୍ତ୍ତବ୍ୟ । ■

# ବିଚାର କର, ସୁଖୀ ହୁଅ

■ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା

ଅନ୍ୟ ପାଇଁ ଚିନ୍ତା କରିବା, ଅନ୍ୟର ଉପକାର ପାଇଁ ନିଜେ କଷ୍ଟ ସହିବା, ଅପର ମଙ୍ଗଳ ପାଇଁ ନିଜ ସୁଖକୁ ଉତ୍ସର୍ଗ କରିବା ଲୋକ ସାଧାରଣ ଲୋକଙ୍କ ଠାରୁ ପୃଥକ୍ । ଏହାସତ୍ତ୍ୱେ ବି ସମାଜରେ ସ୍ୱାର୍ଥ ବୃତ୍ତି, ସ୍ୱାର୍ଥୀ ଚରିତ୍ରର ପ୍ରାବଲ୍ୟ ଦୃଷ୍ଟିଗୋଚର ହେଉଛି । ଯେଉଁମାନେ ସାମାଜିକ କାର୍ଯ୍ୟରେ ଜୀବନକୁ ଉତ୍ସର୍ଗୀକୃତ କରିଛନ୍ତି ସେମାନଙ୍କ ବ୍ୟକ୍ତିଗତ ଜୀବନ କେତେ ଦୁଃଖଦ, କଷ୍ଟମୟ ତଥା କଣ୍ଟକାକୀର୍ଣ୍ଣ ତାହା ଅନୁଭବୀ ହିଁ ଜାଣିଛି। ପରିବାରରୁ ସ୍ୱାମୀ- ସ୍ତ୍ରୀ ବିବାଦ, ପୁତ୍ର କନ୍ୟାମାନଙ୍କ ବିରୋଧ, ପିତା-ମାତାଙ୍କ ପ୍ରେରଣାଶୂନ୍ୟ ବାଣୀ ବେଳେ ବେଳେ ସାଧକକୁ ସାଧନା ପଥରୁ ବିଚ୍ୟୁତ କରାଏ । ଏ ସମସ୍ତ ବାଧା, ବିଘ୍ନ, ବିବାଦ, ବିସମ୍ବାଦକୁ ଦୂରେଇ ଦେଇ ଯେ କର୍ମକ୍ଷେତ୍ରକୁ ଲମ୍ଫ ପ୍ରଦାନ କରିଛି, ନିଜକୁ ସର୍ବମୟ କର୍ତ୍ତାଙ୍କ ପାଇଁ ଅର୍ପଣ କରିଛି, ସମୟକ୍ରମେ ଦେଶର ସୁଧୀ ଜନତା ତାଙ୍କୁ ମହତ୍ ବୋଲି ପ୍ରତିପାଦିତ କରିଛନ୍ତି । ହେଲେ ଜୀବନରେ ପ୍ରେରଣା ଅଭାବ କରୁଥିବା ଏହି ଲୋକମାନେ ଯଦି ପ୍ରଥମରୁ ଉତ୍ସାହ ଦେଇଥାଆନ୍ତେ ତେବେ ଏ ଦେଶରେ ଅନେକ ରାଷ୍ଟ୍ରଭକ୍ତ, ସଂସ୍କୃତ, ସଂସ୍କୃତି ପ୍ରିୟ ସୃଷ୍ଟି ହୋଇପାରିଥାନ୍ତେ ତଥା ଏ ରାଷ୍ଟ୍ରର ସ୍ୱରୂପ ଅନ୍ୟକିଛି ହୋଇପାରିଥାଆନ୍ତି ।

ସଂସାରରେ ମନୁଷ୍ୟ ବଞ୍ଚିବା ପାଇଁ ସାଧାରଣତଃ ଖାଦ୍ୟ, ବସ୍ତ୍ର, ବାସଗୃହ ଆବଶ୍ୟକ । ଖାଦ୍ୟ ନଖାଇଲେ ମନୁଷ୍ୟ ବଞ୍ଚିପାରିବ ନାହିଁ ଏହା ସତ୍ୟ କିନ୍ତୁ ବଂଚିବାର ଲକ୍ଷ୍ୟ ଭୁଲିଗଲେ ଖାଦ୍ୟ ଖାଇବା, ବସ୍ତ୍ର ପିନ୍ଧିବା ତଥା ଘରେ ରହିବାର ଆବଶ୍ୟକତା କ'ଣ ? ଏକଥା ଖୁବ୍ କମ୍ ଲୋକେ ବିଚାର କରନ୍ତି । ଖାଇବା, ପିନ୍ଧିବା ବିବାହ ବନ୍ଧନରେ ଆବଦ୍ଧ ହୋଇ ସନ୍ତାନ ନିର୍ମାଣ କରିବା ତଥା ସେମାନଙ୍କ ପାଇଁ ପରିଶ୍ରମ କରିବା ଓ ଶେଷରେ ମରିଯିବା କ'ଣ ମନୁଷ୍ୟର ଶେଷ ଲକ୍ଷ୍ୟ ? ଏହି ଲକ୍ଷ୍ୟରେ ବଞ୍ଚିଥିବା ମନୁଷ୍ୟର ମଧ୍ୟ ଅଭାବ ନାହିଁ । ନିଜକୁ ସୁସ୍ଥ ରଖିବା ପାଇଁ ଯାବତୀୟ ବ୍ୟବସ୍ଥା କରିବା, ତା ପାଇଁ ମୋତେ ଯାହା କିଚଇ କରିବାକୁ ପଡୁ ପଡୁ ତାକୁ ସ୍ୱୀକାର କରିବା କ'ଣ ଯଥୋଚିତ ମାନବତାର ଲକ୍ଷଣ ?

ମୁଁ ସଂସାରକୁ ଆସିବା ପୂର୍ବରୁ ଯେ ମୋ ମାଆ ମନରେ ଅର୍ପଣ ଭାବନା ଦେଲେ ଏବଂ ଯେ ମୋ ମାଆଙ୍କ ଅର୍ପଣକୁ ସାଦର ସ୍ୱୀକାର କରି ଏକତ୍ର ହେବାର ଚିନ୍ତାଦେଲେ, ସମସ୍ତ କଷ୍ଟ, ଯନ୍ତ୍ରଣାକୁ ସାଦର ସ୍ୱୀକାର କରି ଯେ ମୋତେ ଗର୍ଭରେ ଧାରଣ କରି ପରବର୍ତ୍ତୀ କ୍ଷେତ୍ରରେ ମୋତେ ସମାଜର ଆଲୋକ ଦେଖାଇଲେ, ସେହି ମାତା, ପିତାଙ୍କ ପାଇଁ ମୋର କିଛି କର୍ତ୍ତବ୍ୟ ନାହିଁ ? ମୁଁ ଜନ୍ମ ହେବା ପୂର୍ବରୁ ଯେଉଁ ପ୍ରଭୁ, ଏ ଅସୀମ ପ୍ରକୃତିର ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ନକ୍ଷତ୍ର, ପାଣି, ପବନକୁ ମୋ ପାଇଁ ରଖିଥିଲେ ମୋର ସେ ପାଇଁ କିଛି କରିବାର ନାହିଁ ? ମୋତେ ଭଲ ମଣିଷଟିଏ କରିବା ପାଇଁ ଯେଉଁମାନେ କେତେ ପ୍ରେରଣା, ଉତ୍ସାହ, ଉଦ୍ଦୀପନା ଦେଲେ ସେହିମାନଙ୍କ ପ୍ରତି ଓ ସେହି ଗ୍ରନ୍ଥକର୍ତ୍ତା, ମନନକର୍ତ୍ତାମାନଙ୍କ ପ୍ରତି ମୋର କିଛି କରିବାର ନାହିଁ ? ଏସବୁ ଯିଏ ନଭାବୁଛି ତା'ର କିଛି ଅସୁବିଧା ହେଉନି ମାତ୍ର ଯେ ଭାବୁଛି ସେ ହିଁ ବିଚାର ବିଭ୍ରାନ୍ତିରେ ପଡ଼ିଯାଉଛି ।

ସମାଜରେ ଯେଉଁମାନେ ଅନ୍ୟମାନଙ୍କ ପାଇଁ ଚିନ୍ତା କରିଛନ୍ତି ସେମାନଙ୍କ ଜୀବନକୁ ଦୁଃଖ, ଯନ୍ତ୍ରଣା ଆସିଛି । କିଛି ସମାଜସେବୀ ନିଜ ହିତକୁ ସୁରକ୍ଷା କରି ଅନ୍ୟମାନଙ୍କ ହିତ ଚିନ୍ତା କରନ୍ତି । ସେହିମାନେ ଅନେକ କ୍ଷେତ୍ରରେ ସୁରକ୍ଷିତ ରହନ୍ତି । କିନ୍ତୁ ଯେଉଁମାନେ ନିଜ ହିତକୁ ପୂର୍ଣ୍ଣ ଉପେକ୍ଷା କରି କେବଳ ଅନ୍ୟହିତରେ ସଂଯୁକ୍ତ ରହନ୍ତି ସେମାନଙ୍କ ଜୀବନ ଅନେକ ସମୟରେ କଣ୍ଟକାବୃତ ହୋଇପଡ଼େ । ବେଦ, ବେଦାନ୍ତ, ସଂସ୍କୃତ, ସଂସ୍କୃତି ଆଦି କୌଣସି ସଂସ୍ଥାକୁ ବା ସେହି ମହାନ୍ ଲକ୍ଷ୍ୟର କୌଣସି ଏକ ଦିଗକୁ ଅଧିକ ପ୍ରସାରିତ କରିବା ପାଇଁ ଜଣେ ଜଣେ ଲୋକ ଚେଷ୍ଟା କରନ୍ତି । ଆଧ୍ୟାତ୍ମିକ ଜଗତର ଆନନ୍ଦକୁ ଅନ୍ୟମାନେ ଉପଲବ୍ଧି କରନ୍ତୁ ଏହି ଲକ୍ଷ୍ୟରେ ଜଣେ ଜଣେ ବ୍ୟକ୍ତି ନିଜର ସମଗ୍ର ଜୀବନକୁ ଉତ୍ସର୍ଗ କରି ଏକ ଶକ୍ତିରେ ପରିଣତ ହୋଇଯାଆନ୍ତି । ସେହିମାନଙ୍କ ମଧ୍ୟରୁ କେହି କେହି ସଫଳତାର ଶୀର୍ଷ ଦେଶରେ ପଦାର୍ପଣ କରିଲାବେଳେ ଅନ୍ୟ କେହି ବାଧାବିଘ୍ନର ସମ୍ମୁଖୀନ ହୋଇ ଲକ୍ଷ୍ୟ ପରିତ୍ୟାଗ କରନ୍ତି । ଗୀତାରେ ଭଗବାନ୍ କୃଷ୍ଣ କହିଲେ "ହଜାର ହଜାର ମନୁଷ୍ୟମାନଙ୍କ ମଧ୍ୟରୁ କେହି ଜଣେ ସିଦ୍ଧି ମାର୍ଗରେ ଯାଆନ୍ତି ଓ ସେହି ସିଦ୍ଧମାନଙ୍କ ମଧ୍ୟରୁ କେହି ଜଣେ ମୋତେ ପାଏ । ଏହି ପାଇବାର ନିଶା ଯେତେ ପ୍ରବଳ ହୁଏ ନିଜକୁ ହଜାଇଦେବା ମଜ୍ଜାଇ ଦେବାର ନିଶା ସେତିକି ମାତ୍ରାରେ ବୃଦ୍ଧି ପାଏ । ନିରାଶା ପଛକୁ ଟାଣିଦିଏ ନାହିଁ ବରଂ ଅଧିକ ଦୃଢ଼ କରିବାରେ ସହାୟକ ହୁଏ । ପେସା ନିଶାରେ ପରିଣତ ହୁଏ ।

ସ୍ୱାର୍ଥକୁ ଜଳାଞ୍ଜଳି ଦେଇ, ଆତ୍ମ ସୁଖକୁ ପଛରେ ପକାଇ କାର୍ଯ୍ୟ କରୁଥିବା ଲୋକକୁ ମଧ୍ୟ ଅନେକ କଥା ଶୁଣିବାକୁ ମିଳେ। ସେ ଯେଉଁମାନଙ୍କ ଗହଣରେ କାର୍ଯ୍ୟ କରୁଛି ସେମାନଙ୍କ ମଧ୍ୟରେ ସ୍ୱାର୍ଥୀ କପଟୀମାନଙ୍କର ଅଭାବ ନାହିଁ । ଭଲ କାମଟିଏ କରିବାର ଅର୍ଥ ମନ୍ଦ କାର୍ଯ୍ୟର ବିରୋଧ କରିବା । ଯେଉଁମାନେ ମନ୍ଦ କାର୍ଯ୍ୟରେ ଅଭ୍ୟସ୍ତ ସେମାନଙ୍କୁ ବିରୋଧ କରିବା ଦ୍ୱାରା ତାଙ୍କ ସ୍ୱାର୍ଥରେ ବାଧାପଡ଼େ । ସେମାନେ ବିରୋଧ କରନ୍ତି । ନିଜର ଦୁର୍ଗୁଣକୁ ସୁଧାରିବା ପରିବର୍ତ୍ତେ ସୁଧାରକକୁ ଦୁର୍ଗୁଣୀ କରାଇବାକୁ ଚେଷ୍ଟା କରନ୍ତି । ଏ ସମସ୍ତ ସାଧନା ପଥରେ ପରୀକ୍ଷା । ପ୍ରତିବର୍ଷ ୩ଟି ପରୀକ୍ଷା ଦେଇ ଛାତ୍ର ଉତ୍ତୀର୍ଣ୍ଣ ହୋଇଥାଏ । ଯେତେ ଭଲ ଛାତ୍ର ସେ ସେତିକିମାତ୍ରାରେ ପରୀକ୍ଷା ପାଇଁ ପ୍ରସ୍ତୁତ ହୁଏ । ଶେଷରେ ସଫଳତା ପାଏ । ଜୀବନରେ ଆସୁଥିବା ଦୁଃଖଯନ୍ତ୍ରଣା ସବୁ ପରମପ୍ରଭୁଙ୍କ ପ୍ରିୟ ପରୀକ୍ଷା । ଉତ୍ତୀର୍ଣ୍ଣ ହୋଇଗଲେ ଲକ୍ଷ୍ୟ ପୂରଣ ହେବାରେ ବାଧା ରହିବନି ।

ସ୍ୱାମୀ ଦୟାନନ୍ଦ, ସ୍ୱାମୀ ଶ୍ରଦ୍ଧାନନ୍ଦ, ଯୋଗୀ ଅରବିନ୍ଦ, ବିବେକାନନ୍ଦ ଆଦି ମହାପୁରୁଷଙ୍କ ଠାରୁ ଆରମ୍ଭ କରି ବୀରସାବରକର, ବିସ୍ମିଲା, ଭଗତସିଂ ଆଦି ରାଷ୍ଟ୍ରନାୟକଙ୍କ ପାଇଁ ବିପଦ, ବାଧା ଆଶୀର୍ବାଦ ହୋଇଯାଇଛି । ବିରୋଧ ପ୍ରେରଣାରେ ରୂପାନ୍ତରିତ ହୋଇଛି । ଜୀବନରେ ପରାଜୟ ପରବର୍ତ୍ତୀ ଜୟ ପାଇଁ ଉତ୍ସାହ ଦେଇଛି । ତ୍ରୁଟି ସୁଧାର ହୋଇଛି । ଏ ଉଦାହରଣ ଅଭାବ ନାହିଁ । ସ୍ୱାଧୀନତା ସଂଗ୍ରାମରେ ସ୍ୱାମୀ ଦୟାନନ୍ଦଙ୍କ ପ୍ରେରଣା ନେଇ ଆଚାର୍ଯ୍ୟ ବିଶ୍ୱଶ୍ରବା କାର୍ଯ୍ୟ କଲେ । ସୁଲେଖକ, ସୁବକ୍ତା ଓ ନିଷ୍ଠାପର କାର୍ଯ୍ୟକର୍ତ୍ତା ଭାବେ ତାଙ୍କର ଅନେକ ଖ୍ୟାତି ଥିଲା । ତାଙ୍କର ଗୋଟିଏ ଗୋଟିଏ ଲେଖା, ଗୋଟିଏ ପ୍ରବଚନ ସୁପ୍ତ ଜନସାଧାରଣଙ୍କୁ ସ୍ୱାଧୀନତା ସଂଗ୍ରାମରେ ସହଯୋଗ କରିବାକୁ ଜାଗ୍ରତ କରାଇ ଦେଉଥିଲା । ତାଙ୍କର ସାନଭାଇ ଏହ୍ଲାବାଦର ଜଣେ ସରକାରୀ ଓକିଲ । ଇଂରେଜ ସରକାରଙ୍କ କୃପାପାତ୍ର ତେଣୁ ତାଙ୍କର ସ୍ତାବକ । ବୃଦ୍ଧ ପିତା, ମାତା । ସଂଗ୍ରାମ ସଂଗଠନ ମଧ୍ୟ ଦୁର୍ବଳ । ନିଜେ ଗୋଟିଏ ଗୁରୁକୁଳର ଅବୈତନିକ ପ୍ରଧାନାଚାର୍ଯ୍ୟ, ତଥାପି ନିଜର ଗୁଜୁରାଣ ମେଣ୍ଟାଇବା କଷ୍ଟକର । ତାଙ୍କ ଲେଖା ଓ ପ୍ରବଚନ ପାଇଁ ଇଂରେଜ ସରକାର ମିଥ୍ୟା କେଶ୍‌ରେ ଜଡ଼ିତ କରି ଗିରଫ କରିବାକୁ ନୋଟିସ୍ ଦେଲେ । ବାଧ୍ୟ ହୋଇ ଗୁରୁକୁଳ ଛାଡ଼ିଲେ । ସାନଭାଇ ଟଙ୍କା ଦେଲେନି । ଦୀର୍ଘ ୧୫ ଦିନ ଗୋଟିଏ ବନ୍ଧୁଙ୍କ ପୃଥକ୍ ଘରେ ରହି ଲେଖନୀ ଚଳାଇଲେ । କେହି ମିତ୍ର ଇଂରେଜମାନଙ୍କ ପ୍ରଲୋଭନରେ ପଡ଼ି ବନ୍ଧୁଘରେ ଅଛନ୍ତି ବୋଲି ସମ୍ବାଦ ଦେଇଦେଲେ । ଗୋରା ସିପାହୀମାନେ ରାତିରେ ତାଙ୍କୁ ବାନ୍ଧି ନେବା ପାଇଁ ଆସୁଛନ୍ତି ବୋଲି ସମ୍ବାଦ ପାଇ ଅତ୍ୟନ୍ତ ବିଚଳିତ ହେଲେ । ଆତ୍ମହତ୍ୟା କରିବାର ସିଦ୍ଧାନ୍ତ ନେଇ ଏକପତ୍ର ସଂଗ୍ରାମୀମାନଙ୍କ ଉଦ୍ଦେଶ୍ୟରେ ଲେଖିଲେ । ପତ୍ରର ସାରାଂଶ ଥିଲା ।

ହେ ପ୍ରଭୁ ! ମୁଁ ଜୀବନରେ କେବେ କାହାରି କ୍ଷତି ନକରିବା ପାଇଁ ଚେଷ୍ଟା କରିଛି । ମାତୃଭୂମି ପାଇଁ କାର୍ଯ୍ୟ କରିବାର ପ୍ରେରଣାରେ ବଂଚି ରହିଛି । ବଞ୍ଚିବା ପାଇଁ ଯେଉଁ ସାମାନ୍ୟତମ ସାଧନ ଆବଶ୍ୟକ ତାହା ମୋ ପାଖରେ ନାହିଁ । ଦେଶ ପାଇଁ ଜାତି ପାଇଁ କାର୍ଯ୍ୟ କରି ଯଦି ମୋତେ ଏପରି କଷ୍ଟ ସହିବାକୁ ପଡୁଛି ତେବେ କେତେ କଷ୍ଟ ଅଛି ପଡୁ । ହେଲେ ମୋତେ ଗୋରାମାନଙ୍କ ବନ୍ଦୀ କରାଅନି । ଏହି ଦୁଃଖ ଦେଖିବା ଆଗରୁ ମରିଯିବା ଶ୍ରେୟସ୍କର ।

ସେତେବେଳେ ତାଙ୍କ ପାଖରେ ମାତ୍ର ଦୁଇଅଣା ପଇସା ଥିଲା । ୨ ଅଣାର ମୁଢ଼ି କିଣି ଖାଇ ମରିବା ପାଇଁ ଦଉଡ଼ି, ଚୌକି ଆଦି ପ୍ରସ୍ତୁତ କଲେ । ଭାବିଲେ ମରିବା ଆଗରୁ କିଛି ଗୋଟିଏ ମହତ୍‌ବାଣୀ ପଢ଼ି ମରିବି । ଅନ୍ୟମନସ୍କ ଭାବେ କିଛି ବହି ଖୋଜିଲେ । ଅଜଣାରେ ତାଙ୍କ ହାତରେ ଶ୍ରୀମଦ୍ ଭାଗବତ ଗୀତା ଆସିଲା । ଅଜଣା ଭାବେ ଗୋଟିଏ ପୃଷ୍ଠା ଖୋଲିଲେ । ସେହି ପୃଷ୍ଠରେ ଲେଖାଥିଲା-

"କର୍ମଣ୍ୟେବାଧିରକାରସ୍ତେ ମା ଫଳେଷୁ କଦାଚନ"

କର୍ମ କରିବାର ତୁମର ଅଧିକାର ଅଛି । ଫଳ ପାଇଁ ଚିନ୍ତା କରନା । ବାରମ୍ବାର ସେହି ପଦଟିକୁ ମନନ କଲେ । ମନରେ ଆସିଲା ମୁଁ କର୍ମ କରିବି । ସଂଗ୍ରାମୀ ଭାବେ ବଂଚି ରହିବି । ଲେଖନୀ ଚଳାଇବି । ଅନ୍ୟକୁ ପ୍ରେରଣା ଦେବି । ଯାହା ହେବାର ଥିବା ହେବ । ପରଦିନ ପ୍ରାତଃକାଳରେ ଇଂରେଜ ସିପାହୀ ଆସୁବାର ଖବର ବିଦ୍ୟୁତ୍ ବେଗରେ ଚାରିଆଡ଼େ ପ୍ରଚାରିତ ହୋଇଯାଇଥିଲା । ପ୍ରାୟତଃ ଏକହଜାର ଲୋକ ସିପାହୀ ଆସିବା ପୂର୍ବରୁ ତାଙ୍କ ଘର ଆଗରେ ପହଞ୍ଚି କହିଲେ, ଯଦି ଆଚାର୍ଯ୍ୟଙ୍କୁ ବନ୍ଦୀ କରିବେ ତେବେ ପ୍ରଥମେ ଆମକୁ ନିଅ ତା'ପରେ ତାଙ୍କୁ ନେବ । ସିପାହୀ ଫେରିଗଲେ । କାର୍ଯ୍ୟ ପୁନଃ ଚାଲିଲା ।

ମାଆ ଯେପରି କ୍ଳାନ୍ତ ପୁତ୍ରକୁ ଭୋଜନ ଦେଇ ତା'ରୀ ମସ୍ତିକକୁ ଆଉଁସି ଦେଇ ପ୍ରବୋଧନା ଦିଅନ୍ତି । ହୋଇଥିବା ବ୍ରଣରେ ମଲମ, ଔଷଧ ପ୍ରଲେପ କରି ରୋଗ ଦୂର କରନ୍ତି ଠିକ୍ ସେହିପରି ସରସ୍ୱତୀ ଦେବୀ ମୁଁ କ୍ଳାନ୍ତ ହୋଇପଡ଼ିଲେ ଆଳସ୍ୟର ଚିନ୍ତା ଆକ୍ରମଣ କଲେ କିମ୍ବା ନିରାଶାର ଘନ କୁହୁଡ଼ି ମାଡ଼ିଆସିଲେ ମୋତେ ସ୍ନେହସିକ୍ତ, ପ୍ରେରଣାଯୁକ୍ତ ମଧୁର ରସ ରସାୟିତ ପ୍ରେରଣାରେ ଉଦ୍ଦୀପିତ କରାଇଛନ୍ତି । ସ୍ନେହମୟ ବାଣୀରେ କହନ୍ତି- ପୁତ୍ର ! ମୋତେ ପାଇବାକୁ ହେଲେ ଏସବୁର ଆଦର କରିବାକୁ ପଡ଼ିବ । ଦୁଃଖ ୩, କଷ୍ଟ, ଯନ୍ତ୍ରଣାକୁ ମାଲ୍ୟପରି ଧାରଣ କରିବାକୁ ପଡ଼ିବ । ଆଦୌ ନିରାଶ ହୁଅନା ମୁଁ ତୋର ପାଖେ ପାଖେ ଅଛି । ଅଭୟ ପାଇଁ ମୁଁ ତୋର ଧାରଣକର୍ତ୍ତ୍ରୀ । ତେଣୁ ନିରାଶ ହୁଅନା ।

ଯେଉଁ ମନୁଷ୍ୟ ଆତ୍ମଦର୍ଶନ କରେ ସେ ସାଧାରଣ କଥାରେ ବିଚଳିତ ହୁଏନା । ଶରୀର ଧର୍ମୀ ନିଜର ଶରୀର ସୁରକ୍ଷା ପାଇଁ ଅନ୍ୟକୁ କଷ୍ଟଦିଏ । ଅନ୍ୟର ସୁବିଧା ସୁଯୋଗକୁ ନିଜର ସୁଖ ପାଇଁ ପ୍ରୟୋଗ କରେ । ତଥାପି ଶାନ୍ତି ମିଳିବା କଷ୍ଟକର ହୋଇଯାଏ । ଆତ୍ମଧର୍ମୀ ତଥା ଅନ୍ୟସୁଖଲିପ୍ସୁ ନିଜ ଉପରେ ଆସୁଥିବା କଷ୍ଟକୁ ସହର୍ଷ ସ୍ୱୀକାର କରିନିଏ । ସେ ସାଧକ ପାଇଁ ତପ ହୋଇଯାଏ । କ୍ଷୁଦ୍ର ସ୍ୱାର୍ଥ ପାଇଁ ମନୁଷ୍ୟ ସୁଖକୁ ଜଳାଞ୍ଜଳି ଦେଉଥିଲା ବେଳେ ଇଷ୍ଟଲକ୍ଷ୍ୟ ପ୍ରାପ୍ତି ପାଇଁ ତପ କରିବାରେ କଷ୍ଟ ସହିବାରେ ବାଧା କେଉଁଠି ? ସେଠି କ'ଣ ମିଳେ ବା ନମିଳେର ପ୍ରଶ୍ନ ଥାଏନି । ହରାଇବା ପାଇବାର ଗଣିତ ଥାଏନି । ସେଠାରେ ହରାଇବାର ଦୁଃଖ ପାଇବାର ଆନନ୍ଦ ପାଇଁ ଉଦ୍ଦିଷ୍ଟ ହୁଏ । ପାଇଗଲେ ବି ଜିଜ୍ଞାସା ବୃଦ୍ଧି ପାଏ । ଆହୁରି ଆଗକୁ ଯିବାକୁ ପ୍ରେରଣା ମିଳେ ।

ଦ୍ରୌପଦୀ ଥରେ ଯୁଧିଷ୍ଠିରଙ୍କୁ ପ୍ରଶ୍ନ କଲେ- ଆର୍ଯ୍ୟପୁତ୍ର ! ସବୁ କଷ୍ଟ ସହି ଅନ୍ୟାୟକୁ ନିର୍ବିବାଦରେ ସ୍ୱୀକାର କରି ଆପଣ ସ୍ଥିର ରହିଛନ୍ତି । ଯୋଦ୍ଧା ଭାଇମାନଙ୍କୁ ପାଇ ମଧ୍ୟ ଆପଣାର ନିଶ୍ଚଳ ଓ ନିର୍ବିକାର । ଏଥିରୁ ଆପଣ ପାଉଛନ୍ତି କ'ଣ ? ଯୁଧିଷ୍ଠିର କିଛି ସମୟ ଚିନ୍ତା କଲେ । ଧୀର ଗମ୍ଭୀର ଭାବେ କହିଲେ- ଦେବୀ ! ତୁମେ ଯାହା ପଚାରିଲ ମୁଁ ତା'ର ଉତ୍ତର ପାଇଁ ସୂର୍ଯ୍ୟଙ୍କୁ ପଚାରିଲି । ବାୟୁଦେବଙ୍କୁ ପଚାରିଲି । ପୃଥିବୀମାତାଙ୍କୁ ପ୍ରଶ୍ନ କଲି । କ'ଣ ପାଇଁ ତୁମେ ଅହରହ ତେଜ, ପ୍ରାଣ, ରସ ଦେଇ ଆସୁଛ ? ସେ ମୋତେ ଉତ୍ତର ଦେଲେ ଧର୍ମ ରକ୍ଷା କରିବା ପାଇଁ ବୃହତ୍ ଲକ୍ଷ୍ୟ ପ୍ରାପ୍ତି ପାଇଁ କ'ଣ ମିଳିବ ବୋଲି ପ୍ରଶ୍ନକୁ ଆପଣାର କରନା । ତୁମକୁ ଶ୍ରେଷ୍ଠ ଆନନ୍ଦ ମିଳିବ ଅନ୍ୟ ମିଳିବାର ଆବଶ୍ୟକତା କ'ଣ ?

ଯେଉଁ ଆନନ୍ଦ ମିଳିଲେ ଆଉ ମିଳିବାର ଆବଶ୍ୟକତା ରହେନା । ଯେଉଁ ସ୍ଥିତିରେ ସମସ୍ତ ଦୁଃଖ ଯନ୍ତ୍ରଣା ଅନୁଭବ ହୁଏନା ସେ ଦିଗରେ ଗତି କରୁଥିଲାବେଳେ ଏ ସାମାନ୍ୟ ବାଧା ତୁମକୁ ବାଧା ନଦେଇ ପ୍ରେରଣା ଦେଉ । ଗୀତାର ଭାଷାରେ-

ଯଂ ଲବ୍ଧ୍ୱା ଚାପରଂ ଲାଭଂ ମନ୍ୟତେ ନାଧିକଂ ତତଃ ।
ଯସ୍ମିନ୍ ସ୍ଥିତୋ ନ ଦୁଃଖେନ ଗୁରୁଣାପି ବିଚାଲ୍ୟତେ ॥(୬-୨୨)

ନିରାଶ ହୁଅନା, ସ୍ୱୟଂ ସରସ୍ୱତୀ ଦେବୀ ଯାହାର ରକ୍ଷାକର୍ତ୍ତ୍ରୀ, ଯାହାର ପ୍ରେରଣାଦାତ୍ରୀ ସେ କେବେ ଲକ୍ଷ୍ୟଭ୍ରଷ୍ଟ ହୁଏନା । ସବୁ ବାଧା, ବିଘ୍ନ ସମୟକ୍ରମେ କୁହୁଡ଼ି ପରି ଦୂରେଇ ଯାଇ ଉଜ୍ଜ୍ୱଳତମ ସୂର୍ଯ୍ୟ ପ୍ରକାଶ ପରି ତୁମକୁ ସେ ଦେବୀ ପ୍ରକାଶିତ କରିବେ । ଲକ୍ଷ୍ୟ ନିଶ୍ଚିତ ପୂରଣ ହେବ । ■

ଓଡ଼ିଶା ନିଶବ୍ଦ
ସାପ୍ତାହିକ ଖବର କାଗଜ
THE ODISHA NISHABDA

# ହଳଦୀ ଓ ଧାନ ବିକି ଗାଁ'କୁ କଲେ ରାସ୍ତା : ଉଦାହରଣ ସୃଷ୍ଟି କଲେ ଚାଷୀ ପବିତ୍ର

**ଉପାନ୍ତ ଗାଁକୁ ପକ୍କା ରାସ୍ତାଟିଏ ନିର୍ମାଣ କରିବାକୁ ବର୍ଷ ବର୍ଷ ଧରି ପ୍ରଶାସନର ଦ୍ୱାରସ୍ଥ ହେବା ପରେ ବି କୌଣସି ସୁଫଳ ମିଳିଲାନି। ଶେଷରେ ନିଜ କଷ୍ଟ ଉତ୍ପାଦିତ ହଳଦୀ ଓ ଧାନ ବିକି ଜଣେ ଚାଷୀ ୧ ଲକ୍ଷ ଟଙ୍କା ବ୍ୟୟରେ ଗାଁକୁ ରାସ୍ତା ନିର୍ମାଣ କରିଛନ୍ତି।**



ଉପାନ୍ତ ଗାଁକୁ ପକ୍କା ରାସ୍ତାଟିଏ ନିର୍ମାଣ କରିବାକୁ ବର୍ଷ ବର୍ଷ ଧରି ପ୍ରଶାସନର ଦ୍ୱାରସ୍ଥ ହେବା ପରେ ବି କୌଣସି ସୁଫଳ ମିଳିଲାନି। ଶେଷରେ ନିଜ କଷ୍ଟ ଉତ୍ପାଦିତ ହଳଦୀ ଓ ଧାନ ବିକି ଜଣେ ଚାଷୀ ୧ ଲକ୍ଷ ଟଙ୍କା ବ୍ୟୟରେ ଗାଁକୁ ରାସ୍ତା ନିର୍ମାଣ କରିଛନ୍ତି। କନ୍ଧମାଳଜିଲ୍ଲା କ.ନୂଆଗାଁ ବ୍ଲକ୍ ଅଧୀନ ଗାନ୍ଧିଗାଁ ପଞ୍ଚାୟତର ୩ ନମ୍ବର ୱାର୍ଡ ବାସିନ୍ଦା ପବିତ୍ରମୋହନ ପ୍ରଧାନଙ୍କ ଏହି ମହତ ପ୍ରୟାସକୁ ନେଇ ଏବେ ସବୁଠି ଚର୍ଚ୍ଚା। ଏଥିପାଇଁ ତାଙ୍କୁ ଲୋକେ ରୋଡ୍ ମ୍ୟାନ୍ ଡାକିବା ଆରମ୍ଭ କରିଛନ୍ତି। କଠିନ ପରିଶ୍ରମ, ଦୃଢ଼ ଇଚ୍ଛା ଓ ଅଧ୍ୟବସାୟ ବଳରେ ଅସାଧ୍ୟକୁ ମଧ୍ୟ ସାଧ୍ୟ କରି ହୁଏ ଏବଂ ତା ପୁଣି ବିନା ସରକାରୀ ସହାୟତାରେ; ଏ କଥାକୁ ପବିତ୍ର ପ୍ରମାଣିତ କରିଛନ୍ତି।

ସୂଚନା ଅନୁସାରେ, ଡାମିକିଆ ଗାଁଠାରୁ ଏକ କିଲୋମିଟର ଦୂରରେ ପଡ଼ାଗାଁ ମାଜୁକାରି ସାହି ରହିଥିବା ବେଳେ ଗ୍ରାମବାସୀ ବିଭିନ୍ନ କାର୍ଯ୍ୟ ପାଇଁ ଡାମିକିଆ ଉପରେ ନିର୍ଭରଶୀଳ। ମାଜୁକାରି ସାହି ପର୍ଯ୍ୟନ୍ତ ଯାତାୟାତ କରିବାକୁ କୌଣସି ପକ୍କାରାସ୍ତା ନ ଥିଲା। ଗାଁ ମଝିରେ ଥିବା ଏକ ଛୋଟ ନାଳ ଗ୍ରାମବାସୀଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଥିଲା। ବର୍ଷା ହେଲେ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଉଥିବାରୁ ଲୋକେ ନାହିଁ ନଥିବା ହଟହଟା ହେଉଥିଲେ। ପକ୍କାରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧିଙ୍କୁ ବହୁବାର ଅବଗତ କରିଥିଲେ ମଧ୍ୟ କିଛି ସୁଫଳ ମିଳି ନଥିଲା।

ଶେଷରେ ମାଜୁକାରି ଗାଁ'ର ଚାଷୀ ପବିତ୍ର ନିଜ ଅର୍ଜିତ ଧାନ ଓ ହଳଦୀ ବିକ୍ରି କରି ଏକ ଲକ୍ଷ ଟଙ୍କା ଯୋଗାଡ଼ କରିଥିଲେ। ଆଉ ଗ୍ରାମବାସୀ ଓ ପରିବାର ସଦସ୍ୟଙ୍କ ସହଯୋଗରେ ଜେସିବି ମେସିନ୍ ଆଣିବା ସହ ଶ୍ରମଦାନ କରି ଲସେନାଜୁ ଗ୍ରାମଠାରୁ ମାଜୁକାରି ପର୍ଯ୍ୟନ୍ତ ଏକ କିଲୋମିଟର ରାସ୍ତା ତିଆରି କରିଥିଲେ। ପଥର ବାହାର କରି ମାଟିକୁ ସମତୁଲ କରିବାକୁ ତାଙ୍କୁ ଏକ ସପ୍ତାହ ଲାଗିଥିଲା। ଏବେ ଯାତାୟାତ ସମ୍ଭବପର ହୋଇପାରୁଛି। ପବିତ୍ରଙ୍କୁ ଏଥିପାଇଁ ଅଞ୍ଚଳବାସୀ ପ୍ରଶଂସାରେ ପୋତି ପକାଇଥିବାବେଳେ ତାଙ୍କର ଏହି ପ୍ରୟାସ ସାରା ଜିଲ୍ଲାରେ ଆଲୋଚ୍ୟ ବିଷୟ ପାଲଟିଛି।

## ବନ୍ୟା ଆଶଙ୍କା: ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳଙ୍କୁ ଏସ୍ଆରସିଙ୍କ ନିର୍ଦ୍ଦେଶ



**ଭୁବନେଶ୍ୱର:** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ପ୍ରଭାବରେ ସାରା ଓଡ଼ିଶାରେ ବର୍ଷା ଲାଗିରହିଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ରାଜ୍ୟର ଅର୍ଦ୍ଧାଧିକ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ଏବଂ ସ୍ଥାନେ ସ୍ଥାନେ ଅତ୍ୟନ୍ତ ପ୍ରବଳ ବର୍ଷା ହେବାକୁ ଥିବାରୁ ଅକସ୍ମାତ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯିବା ସହ ମାର୍ଗଦର୍ଶିକା ମଧ୍ୟ ଜାରି ହୋଇଛି। ମୟୂରଭଞ୍ଜ, ଯାଜପୁର, ଜଗତ୍‌ସିଂହପୁର, ନୟାଗଡ଼, ସୁବର୍ଣ୍ଣପୁର, ବରଗଡ଼, ସମ୍ବଲପୁର ଦେବଗଡ଼, ବୌଦ୍ଧ, କନ୍ଧମାଳ, ନୟାଗଡ଼, ପୁରୀ ଜିଲ୍ଲାର କେତେକ ସ୍ଥାନରେ ଅକସ୍ମାତ୍ ବନ୍ୟା ପରିସ୍ଥିତି ଉପୁଜିବାର ଆଶଙ୍କା ଅଧିକ ରହିଥିବାରୁ ପ୍ରଶାସନ ପକ୍ଷରୁ ଏଦିଗରେ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି। କେନ୍ଦ୍ରାପଡ଼ା, ବାଲେଶ୍ୱର, ଭଦ୍ରକ, ଅନୁଗୋଳ, ଗଞ୍ଜାମ, ବଲାଙ୍ଗୀର, ଜଗତ୍‌ସିଂହପୁର ଜିଲ୍ଲାକୁ ଅରେଞ୍ଜ ଜାରି ସହ ମୁକାବିଲା ପାଇଁ ପ୍ରସ୍ତୁତ ହୋଇ ରହିବାକୁ କୁହାଯାଇଛି।

ସମ୍ଭାବ୍ୟ ପରିସ୍ଥିତିକୁ ନଜରରେ ରଖି ସ୍ୱତନ୍ତ୍ର ରିଲିଫ୍ କମିସନର(ଏସ୍ଆରସି)ଙ୍କ ପକ୍ଷରୁ ସତର୍କ ରହିବାକୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯେକୌଣସି ବିପର୍ଯ୍ୟୟ ମୁକାବିଲା କରିବାକୁ ଜିଲ୍ଲା ପ୍ରଶାସନ ପ୍ରସ୍ତୁତ ରହିବାକୁ ଚିଠିରେ କୁହାଯାଇଛି। ଏଥିସହ ବିଜୁଳି, ଘଡ଼ଘଡ଼ି ସମେତ ପବନରୁ ରକ୍ଷା ପାଇବାକୁ ସୁରକ୍ଷିତ ଜାଗାରେ ଅଶ୍ରୟ ନେବାକୁ ସାଧାରଣ ଜନତାଙ୍କୁ ପରାମର୍ଶ ଦିଆଯାଇଛି। ମତ୍ସ୍ୟଜୀବୀଙ୍କ କ୍ଷେତ୍ରରେ ଆଇଏମ୍‌ଡି ପକ୍ଷରୁ ଜାରି ନିର୍ଦ୍ଦେଶାନାମାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ କୁହାଯାଇଛି। ଜଗତସିଂହପୁର ଜିଲ୍ଲା ବିରିଡିଠାରେ ସର୍ବାଧିକ ୩୨୮ ମିମି ବର୍ଷା ରେକର୍ଡ ହୋଇଛି। ଏହା ତଳକୁ ସମ୍ବଲପୁର ଜିଲ୍ଲା ଝୁଝୁମୁରାଠାରେ ୨୭୫.୪ ମିମି, ନାକଟିଦେଉଳରେ ୧୪୫ ମିମି, ରେଢ଼ାଖୋଲରେ ୧୨୯ ମିମି, ଖୋର୍ଦ୍ଧା ଜିଲ୍ଲା ବାଲିପାଟଣାରେ ୧୨୫ ମିମି ବର୍ଷା ରେକର୍ଡ କରାଯାଇଥିଲା। କେନ୍ଦ୍ରାପଡ଼ା ସହରରେ ୭୮ ମିମି, ସୁବର୍ଣ୍ଣପୁରରେ ୭୧ ମିମି ବର୍ଷା ହୋଇଛି।

## ସାଳନ୍ଦୀ ନଦୀର ପ୍ରଥମ ବନ୍ୟା, ଧସିଲା ୬୦ ଫୁଟର ନଦୀବନ୍ଧ

ଭଦ୍ରକ : ଭଦ୍ରକ ଜିଲ୍ଲାରେ ସାଳନ୍ଦୀ ନଦୀରେ ପ୍ରଥମ କରି ବନ୍ୟା ଜଳ ପ୍ରବେଶ କରିଛି। ଉପରେ ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ହଦଗଡ଼ ଡ୍ୟାମ ଗେଟ ଖୋଲାଯାଇ ୧୫ କ୍ୟୁସେକ ଜଳ ନଦୀକୁ ଛଡା ଯାଏଥିଲା। ଫଳରେ ନଦୀର ପାଳିଆ ଅଞ୍ଚଳ ଭଦ୍ରକ ଜିଲ୍ଲାର ତିହିଡ଼ି ବ୍ଲକର ଅନେକ ଚାଷ ଜାମିରେ ବନ୍ୟା ଜଳ ପ୍ରବେଶ କରିଛି। ଏହି ନଦୀର ସ୍ରୋତ ଏତେ ପ୍ରଖର ଥିଲାରେ ସାଳନ୍ଦୀର ବିଳନା ଲଞ୍ଜା ଠାରେ ନଦୀ ବନ୍ଧ ୬୦ଫୁଟ ଧସି ଯାଇଛି। ଫଳରେ ବନ୍ୟା ଜଳ ଚାଷ ଜମି ଆଡ଼କୁ ମାଡି ଯାଉଛି । ସାଳନ୍ଦୀର ବନ୍ୟା ଜଳ ଏହି ଅଞ୍ଚଳର ଶହ ଶହ ଏକର ଚାଷ ଜମିରେ ମାଡ଼ି ଯାଇଛି। ଏହି ବନ୍ୟା ପାଇଁ ଉଜୁଡି ଯାଇଛି ଚାଷ ଜମି। ଚାଷ ପାଇଁ ଚାଷୀ ମାନେ ତଳି ପକାଇ ଥିଲେ ସେମାନଙ୍କର ତଳି ଧାନ ସବୁ ବନ୍ୟା ପାଣିରେ ବୁଡ଼ି ଯାଉଛି। ତଳି ବୁଡ଼ିଯିବ ସହ ଲୋକଙ୍କ ଚାଷ ବିଲରେ ପାଣି ଲହଡ଼ି ଭାଙ୍ଗୁଛି। ବନ୍ୟା ପାଣି ନଛାଡିବା ପର୍ଯ୍ୟନ୍ତ ଚାଷୀ ଚାଷ କରିବା ସମ୍ଭବ ହେଉନି। ଶ୍ରାବଣ ମାସର ଅଧା ସମୟ ବିତିଯାଇଥିଲେ ମଧ୍ୟ ଚାଷ କାମ ଆରମ୍ଭ ହୋଇପାରି ନଥିବାରୁ ଏହି ଅଞ୍ଚଳରେ ଚାଷୀ ଚିନ୍ତାରେ ରହିଛି। ନିଳନା, ଲାଞ୍ଜା,ବାରୁଅ ଆଦି ଅଞ୍ଚଳରେ ଲୋକଙ୍କର ପାଣି ପରିବା ଚାଷ ସବୁ ଉଜୁଡି ଯାଇଛି।



# ପ୍ରକୃତି ପ୍ରେମରେ ବର୍ଷାରାଣୀ

*ବ୍ରହ୍ମପୁରର ବର୍ଷାରାଣୀ ମହାରଣା ବାପାଙ୍କଠାରୁ ପ୍ରେରଣା ପାଇ ପରିବେଶ ସୁରକ୍ଷା କାର୍ଯ୍ୟରେ ନିଜକୁ ସକ୍ରିୟ ଭାବେ ନିୟୋଜିତ କରିଛନ୍ତି। ସେ କହନ୍ତି ଯେ, ତାଙ୍କର ବଢ଼େଇ ଘର ହୋଇଥିବାରୁ କାଠ କାଟି...*



ବ୍ରହ୍ମପୁରର ବର୍ଷାରାଣୀ ମହାରଣା ବାପାଙ୍କଠାରୁ ପ୍ରେରଣା ପାଇ ପରିବେଶ ସୁରକ୍ଷା କାର୍ଯ୍ୟରେ ନିଜକୁ ସକ୍ରିୟ ଭାବେ ନିୟୋଜିତ କରିଛନ୍ତି। ସେ କହନ୍ତି ଯେ, ତାଙ୍କର ବଢ଼େଇ ଘର ହୋଇଥିବାରୁ କାଠ କାଟି ଜିନିଷ ତିଆରି କରିବାକୁ ପଡ଼େ, ଯାହା ଗଛ ସଂଖ୍ୟା ହ୍ରାସର ମଧ୍ୟ ଏକ କାରଣ। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ତାଙ୍କ ବାପା ପ୍ରାୟ ପ୍ରତ୍ୟେକ ଦିନ ବିଭିନ୍ନ ଗଛ ଲଗାଇଥାନ୍ତି। ସେ କୌଳିକ ବୃତ୍ତି ସହ ପରିବେଶ ସୁରକ୍ଷା ପ୍ରତି ସଦା ସଚେତନ ରହିବାକୁ ପରାମର୍ଶ ଦେଇଥାନ୍ତି। ବାପାଙ୍କର ଏହି ମୂଲ୍ୟବାନ ଶିକ୍ଷା ତାଙ୍କୁ ଜଣେ ସ୍ୱେଚ୍ଛାସେବୀ ଭାବେ ଗଢ଼ିବାରେ ସହାୟକ ହୋଇଛି। ବର୍ଷା ପ୍ରାୟ ସାତ ବର୍ଷ ହେଲା ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟ କରୁଛନ୍ତି। ପ୍ରଥମେ ସେ ଗଛ ଲଗାଇବା ଆରମ୍ଭ କରିଥିଲେ। ତାଙ୍କ ଯୁବସୁଲଭ ଉତ୍ସାହ, ଦୃଢ଼ ସଂକଳ୍ପ ଏବଂ ପରିବେଶ ପ୍ରତି ଗଭୀର ଭଲପାଇବା ତାଙ୍କୁ ଓଡ଼ିଶାର ଜଳବାୟୁ କାର୍ଯ୍ୟରେ ଆଗୁସାର ହେବାକୁ ଦେଇଛି। ବର୍ତ୍ତମାନ ସେ 'ୟୁଥ୍ ଫର୍ ସୋସିଆଲ ଡେଭଲପ୍‌ମେଣ୍ଟ' (ୱାଇଏସ୍‌ଡି)ର ଜଳବାୟୁ କାର୍ଯ୍ୟ ସଂଯୋଜକ ଭାବରେ କାମ କରୁଛନ୍ତି। ଏହାସହ ସେ ସାମାଜିକ କାର୍ଯ୍ୟରେ ସ୍ନାତକୋତ୍ତର ଅଧ୍ୟୟନ ମଧ୍ୟ କରୁଛନ୍ତି। ସେ ଜଳବାୟୁ ସାକ୍ଷରତା, ପରିବେଶ ପରିଚାଳନା ଓ ଯୁବ ନେତୃତ୍ୱକୁ ଶକ୍ତିଶାଳୀ କରିବା ଦିଗରେ କାର୍ଯ୍ୟ କରୁଛନ୍ତି।

ସେ ମୁଖ୍ୟତଃ ଯୁବପିଢ଼ିକୁ ପରିବେଶ ସୁରକ୍ଷା କାର୍ଯ୍ୟରେ ଯୋଗଦେବାକୁ ପ୍ରେରିତ କରୁଛନ୍ତି। ଭାରତ ସ୍କାଉଟ୍‌ସ ଏଣ୍ଡ୍ ଗାଇଡ୍‌ସ ତରଫରୁ ସେ କୋଡ଼ିଏରୁ ଅଧିକ ସ୍କୁଲ୍‌ରେ ସିଡ୍ ବଲ୍ ଓ ପରିବେଶ ପୁନରୁଦ୍ଧାର କାର୍ଯ୍ୟକ୍ରମ ଚଳାଇ ୬୦୦ରୁ ଅଧିକଛାତ୍ରଛାତ୍ରୀଙ୍କୁ ଏଥିସହ ଯୋଡ଼ିଛନ୍ତି। ତାଙ୍କ ପ୍ରୟାସରେ ଦଶହଜାରରୁ ଅଧିକ ସିଡ୍ ବଲ୍ ପକାଯାଇଛି। ଏହାସହ ସେ ଆଦିବାସୀ ଅଞ୍ଚଳର ଯୁବପିଢ଼ିକୁ ସଚେତନ କରି ଜଙ୍ଗଲ ନଷ୍ଟ ରୋକିବା ଓ ପରିବେଶ ସଂରକ୍ଷଣ ପାଇଁ ସକ୍ରିୟ ଭାବେ କାର୍ଯ୍ୟ କରୁଛନ୍ତି। ସେ ୧୭ରୁ ଅଧିକ ସମୁଦ୍ରତଟ ସଫେଇ ଅଭିଯାନ ଚଳାଇ ଅଲିଭ୍ ରିଡଲେ କଇଁଛ ସଂରକ୍ଷଣ ଦିଗରେ କାର୍ଯ୍ୟ କରିଛନ୍ତି।

ବର୍ଷାଙ୍କର ଏହି ପ୍ରୟାସ ତାଙ୍କୁ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତି ଦେଇଛି। ଆଇ ଭଲ୍ୟୁଣ୍ଟର ଏବଂ ୟୁନିସେଫ୍ ୟୁୱାହା ତରଫରୁ 'ଗ୍ରିନ୍ ଗାର୍ଡିଆନ୍ ଆୱାର୍ଡ' ଏବଂ ଭାରତ ସ୍କାଉଟ୍‌ସ ଏଣ୍ଡ୍ ଗାଇଡ୍‌ସ ତରଫରୁ ପୁରସ୍କାର ମଧ୍ୟ ଲାଭ କରିଛନ୍ତି। ତାଙ୍କ କାର୍ଯ୍ୟ ମାଧ୍ୟମରେ ସେ ଯୁବପିଢ଼ିକୁ ଜଳବାୟୁ ଓ ପରିବେଶ ସଂରକ୍ଷଣ କ୍ଷେତ୍ରରେ ଆଗକୁ ଆସି କାର୍ଯ୍ୟ କରିବାକୁ ପ୍ରେରଣା ଦେଇଆସୁଛନ୍ତି।




## କେବଳ ସଂଘର୍ଷ ଆଉ ସଂଘର୍ଷରେ କଟେ ଦିନ

**ଜୀବନ ବେଳେବେଳେ ଭାଗ୍ୟ ହାତରେ ବନ୍ଧା ପଡ଼ିଯାଏ। ମଣିଷ ଭାବିଥିବା କଥା ପୂରଣ ହୋଇପାରେନି । ଏହା ବଦଳରେ ମାଡ଼ିଆସେ ଦୁର୍ଭାଗ୍ୟ ଆଉ ଦୁଃଖ । ଦୁଃସାଧ୍ୟ ରୋଗ କବଳରୁ ବଂଚିବା ତଥା ଜୀବନ ପାଇଁ ସଂଘର୍ଷ କରୁଥିବା ଜାଣନ୍ତୁ ଜଣେ ଅସହାୟ ମଣିଷର କାହାଣୀ ...**

ଉପେନ୍ଦ୍ର ମୂଳ ଲାଗି ପିଲାଛୁଆଙ୍କ ମୁହଁରେ ମୁଠେ ଦାନା ଦେଉଥିଲେ। ହସ ଖୁସିରେ ଚାଲିଥିଲା ସଂସାର ରୂପକ ଗାଡ଼ି। କିନ୍ତୁ ହଠାତ ତାଙ୍କ ଜୀବନରେ କଳାବାଦଲ ଭଳି ମାଡ଼ିଆସିଲା କ୍ୟାନସର ଭଳି ଦୂରାରୋଗ୍ୟ। ବ୍ଲଡ଼ କ୍ୟାନସରେ ପୀଡ଼ିତ ହୋଇ ଏବେ ଶଯ୍ୟାଶାୟୀ ଉପେନ୍ଦ୍ର। ଏମ୍‌ସରେ ଚାଲିଛି ଚିକିତ୍ସା। ପାଣି ଭଳି ଖର୍ଚ୍ଚ ହେଉଛି ଟଙ୍କା। ନିଜର ସମ୍ପତ୍ତି ବୋଲି କିଛି ବି ନଥିବାରୁ ମାଗିଯାଚି ଚଳୁଛନ୍ତି ତାଙ୍କ ପରିବାର। ଖାଇବା ପାଇଁ ବି ଘରେ ଟଙ୍କାଟିଏ ନଥିବା ବେଳେ କେମିତି ହେବେ ବ୍ୟୟବହୁଳ ତାଙ୍କ ଚିକିତ୍ସା। ବୃଦ୍ଧା ମା' କାନ୍ଦି କାନ୍ଦି ପୁଅର ଜୀବନ ଭିକ୍ଷା ମାଗିଛନ୍ତି।

ପୁରା ଖୁସି ଥିଲା ଉପେନ୍ଦ୍ରଙ୍କ ପରିବାର। ମା', ସ୍ତ୍ରୀ ଓ ପାଂଚ ଝିଅଙ୍କୁ ନେଇ ଚାଲିଥିଲା ସଂସାର। ସେହି ଖୁସିକୁ ଫିକା କରିଦେଇଛି କ୍ୟାନସର। ବଡ଼ ଝିଅକୁ ଏବେ ମାତ୍ର ୧୬ ବର୍ଷ। ଯେଉଁ ବୟସରେ ସେ ହସଖେଳରେ ସମୟ ବିତାଇବା କଥା, ଏବେ ବାପାଙ୍କ ଚିକିତ୍ସା ପାଇଁ ହାତଯୋଡ଼ି ପ୍ରଶାସନ ଆଉ ଅନ୍ୟମାନଙ୍କୁ ସହାୟତା ମାଗୁଛି। ନିଜର ଓ ପରିବାରର ଭାଗ୍ୟ ଆଉ ଭବିଷ୍ୟତକୁ ନେଇ ପିଲାଦିନୁ ଅସହାୟ ହୋଇ ପଡ଼ିଛନ୍ତି।

### ନୟାଗଡ଼ ବିଧାୟକ ଅରୁଣ ସାହୁଙ୍କୁ ସୁପ୍ରିମ୍‌କୋର୍ଟରୁ ମିଳିଲାନି ଆଶ୍ୱସ୍ତି

# ଓଡ଼ିଶା ହାଇକୋର୍ଟରେ ଚାଲିବ ସଦସ୍ୟତା ରଦ୍ଦ ମାମଲା

**ଭୁବନେଶ୍ୱର/କଟକ:** ନୟାଗଡ଼ବିଧାୟକ ଅରୁଣ କୁମାର ସାହୁଙ୍କୁ ପୁଣି ଅଦାଲତୀ ଝଟ୍‌କା ଲାଗିଛି। ସୁପ୍ରିମ୍‌କୋର୍ଟ ତାଙ୍କ ଆବେଦନକୁ ଖାରଜ କରିଛନ୍ତି। ତାଙ୍କ ସଦସ୍ୟତା ରଦ୍ଦ ମାମଲା ଓଡ଼ିଶା ହାଇକୋର୍ଟରେ ଚାଲିବ। ଏହି ମାମଲାର ଶୁଣାଣି ୬ ମାସ ଭିତରେ ଶେଷ କରିବାକୁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।



ସୂଚନାଯୋଗ୍ୟ, ମୂଳ ନିର୍ବାଚନୀ ମକଦ୍ଦମାକୁ ଖାରଜ କରିବାକୁ ନିବେଦନ କରି ମାମଲାର ପ୍ରତିପକ୍ଷ ତଥା ବିଧାୟକ ଶ୍ରୀ ସାହୁଙ୍କ ତରଫରୁ ଦାୟର ତିନୋଟି ଅନ୍ତରୀଣ ଆବେଦନକୁ ହାଇକୋର୍ଟ ଖାରଜ କରିଥିଲେ। ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରାଙ୍କୁ ନେଇ ଗଠିତ ଖଣ୍ଡପୀଠ ଶ୍ରୀ ସାହୁଙ୍କ ଅନ୍ତରୀଣ ଆବେଦନକୁ ଖାରଜ କରିଥିଲେ। ମୂଳ ନିର୍ବାଚନୀ ମକଦ୍ଦମାର ଅନ୍ୟତମ ପ୍ରତିପକ୍ଷ ହେମନ୍ତ କୁମାର ପୃଷ୍ଟିଙ୍କ ପକ୍ଷରୁ ସମାନ ପ୍ରସଂଗ ନେଇ ଦାୟର କରାଯାଇଥିବା ଅନ୍ତରୀଣ ଆବେଦନକୁ ମଧ୍ୟ ହାଇକୋର୍ଟ ଅଗ୍ରାହ୍ୟ କରିଥିଲେ। ଏଥି ସହିତ ଜୁନ ୨୫କୁ ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କ ତରଫରୁ ଦାୟର ମୂଳ ନିର୍ବାଚନୀ ମକଦ୍ଦମାର ଶୁଣାଣି ପାଇଁ ହାଇକୋର୍ଟ ଧାର୍ଯ୍ୟ କରିଥିଲେ। ବିବରଣୀରୁ ପ୍ରକାଶ ଯେ ବିଜେଡି ପ୍ରାର୍ଥୀ ଭାବେ ନୟାଗଡ଼ ଆସନରୁ ବିଧାୟକ ହୋଇଥିବା ଅରୁଣ କୁମାର ସାହୁଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା ପାଇଁ ପରାଜିତ ବିଜେପି ପ୍ରାର୍ଥୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ହାଇକୋର୍ଟରେ ନିର୍ବାଚନୀ ମକଦ୍ଦମା ଦାୟରକରିଥିଲେ। ଶ୍ରୀ ସାହୁ ସତ୍ୟପାଠ ?ରେ ସଂପତ୍ତି ସଂକ୍ରାନ୍ତରେ ସଠିକ ତଥ୍ୟ ଦେଇ ନଥିଲେ। ଏଥି ସହିତ ଶ୍ରୀ ସାହୁଙ୍କ ନାମାଙ୍କନପତ୍ର ରିଟର୍ଣ୍ଣିଂ ଅଫିସର ବେଆଇନ ଭାବେ ଗ୍ରହଣ କରିଥିବା ଅଭିଯୋଗ ହୋଇଥିଲା। ଏହି ନିର୍ବାଚନୀ ମକଦ୍ଦମାକୁ ଖାରଜ କରିବା ପାଇଁ ଶ୍ରୀ ସାହୁଙ୍କ ତରଫରୁ ତିନୋଟି ଅନ୍ତରୀଣ ଆବେଦନ ୨୦୨୪ରେ ଦାୟର କରାଯାଇଥିଲା। ନିର୍ବାଚନ ଆବେଦନ ଦାଖଲ କରିବା ବେଳେ ଆଇନରେ ଥିବା କେତେକ ବ୍ୟବସ୍ଥା ପାଳନ କରାଯାଇ ନାହିଁ, ଆବେଦନ ସହିତ ଫର୍ମ-୨୫ ସତ୍ୟପାଠ ସଂଲଗ୍ନ ହୋଇ ନାହିଁ, ଆବଶ୍ୟକ ତଥ୍ୟ ଉଲ୍ଲେଖ କରାଯାଇ ନାହିଁ ଓ ଅନ୍ୟାନ୍ୟ କାରଣ ଅନ୍ତରୀଣ ଆବେଦନ ଗୁଡ଼ିକରେ ଦର୍ଶାଯାଇଥିଲା। ୨୦୨୪, ଡିସେମ୍ବର ୧୧ରେ ବିଚାରାଧୀନ ଥିବା ମୂଳ ନିର୍ବାଚନୀ ମକଦ୍ଦମାରେ ହେମନ୍ତ କୁମାର ପୃଷ୍ଟିଙ୍କୁ ପ୍ରତିପକ୍ଷ ନମ୍ବର-୨ ଭାବେ ପକ୍ଷଭୁକ୍ତ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମେ ୧୮ରେ ହାଇକୋର୍ଟ ସମସ୍ତ ଚାରିଟି ଅନ୍ତରୀଣ ଆବେଦନର ଏକତ୍ର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ। ଶ୍ରୀମତୀ ସିଂଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଗୋପାଳ ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି।

## ବୀଭତ୍ସ ହତ୍ୟା କରି ଜେଲ୍ ଗଲେ ବାପ-ପୁଅ



**ଜୟପାଟଣା :** କଳାହାଣ୍ଡି ଜିଲା ଜୟପାଟଣା ଥାନା ଅନ୍ତର୍ଗତ କୁମଜୋର ଗ୍ରାମରେ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଘଟିଥିବା ହତ୍ୟାକାଣ୍ଡରେ ପୋଲିସ ବଡ଼ ସଫଳତା ପାଇଛି। ଘଟଣାରେ ସମ୍ପୃକ୍ତ ବାପ-ପୁଅ ଜଗନ୍ନାଥ ଶବର ଓ ଦେସେରାମ ଶବରଙ୍କୁ ଜୟପାଟଣା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ମୃତକ ଶୁବେ ଶବର ଓ ତାଙ୍କ ସ୍ତ୍ରୀ ସତ୍ୟ ଶବର ଚାଷ ଜମିରୁ ଫେରୁଥିବା ବେଳେ ପୂର୍ବରୁ ଛକି ରହିଥିବା ଅଭିଯୁକ୍ତ ବାପ-ପୁଅ ଲାଠି ଓ ଛୁରିରେ ଆକ୍ରମଣ କରିଥିଲେ। ଗୁରୁତର ଶୁବେ ଶବରଙ୍କୁ ପରିବାର ଓ ଗ୍ରାମବାସୀ ଉଦ୍ଧାର କରି ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ପରେ ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପ୍ରାଥମିକ ତଦନ୍ତରୁ ପୂର୍ବରୁ ଚାଲିଥିବା ଜମିବାଡ଼ି ବିବାଦ ଏବଂ ସିଭିଲ ମାମଲାରେ ଶୁବେ ଶବରଙ୍କ ସପକ୍ଷରେ ରାୟ ଆସିବା ପରେ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ଠାରୁ ସୂଚନା ମିଳିଛି।

# ପାଲଲହଡ଼ା-ବାଉଁଶଯୋଡ଼ା ବ୍ରିଜରେ ୫ ଫୁଟ ବନ୍ୟା ପାଣି

ଭୁବନେଶ୍ୱର : ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ଯୋଗୁ ରାଜ୍ୟରେ ଲଗାଣ ବର୍ଷା ଜାରି ରହିଛି। ଲଗାଣ ବର୍ଷା ଯୋଗୁ ପାଲଲହଡ଼ା-ବାଉଁଶଯୋଡ଼ା ନଦୀ ବ୍ରିଜ ଉପରେ ୫ ଫୁଟର ବନ୍ୟା ପାଣି ପ୍ରବାହିତ ହେଉଛି। ଫଳରେ ପାଲଲହଡ଼ା-ତେଲକୋଇ ରାସ୍ତାରେ ଯାତାୟାତ ଠପ୍ ହୋଇଯାଇଛି। ଅନ୍ୟପକ୍ଷେ ଲଗାଣ ବର୍ଷାରେ ଫୁଲୁଛି ବୈତରଣୀ ନଦୀ। ଆଖୁଆପଦାରେ ବୈତରଣୀ ବିପଦ ସଂକେତ ଟପିଛି। ଅପରାହ୍ନ ସାଢ଼େ ୩ଟା ସୁଦ୍ଧା ବିପଦ ସଂକେତ ୧୮.୩୩ ମି. ଟପି ଯାଇଥିଲା। ଏନେଇ ବୈତରଣୀରେ ଏକ ପ୍ରକାର ବନ୍ୟା ଆସିବା ସଂକେତ ଦେଖାଦେଇଛି।



# ରାଜମିସ୍ତ୍ରୀ ହେଲେ ଅଙ୍ଗୁର ଚାଷୀ: ବାଡ଼ିରେ ଝୁଲୁଛି ପେନ୍ଥା ପେନ୍ଥା ଅଙ୍ଗୁର

*ଓଡ଼ିଶା ମାଟିରେ ବିଦେଶୀ ଫଳର ସମ୍ଭାର। ଘରର ବାରିପଟେ ଭର୍ତ୍ତି ପେନ୍ଥା ପେନ୍ଥା ସବୁଜ ଅଙ୍ଗୁର। କଟକ ବଡ଼ମ୍ବା ବ୍ଲକ ଓଗାଳପୁର ଗାଁରେ ଦେଖିବାକୁ ମିଳିଛି ଏଭଳି ଦୃଶ୍ୟ। ଏହାକୁ ଚମତ୍କାର କରି ଦେଖାଇଛନ୍ତି ସ୍ଥାନୀୟ ଅଞ୍ଚଳର ଯୁବକ ସୁଶାନ୍ତ ଭୋଳ ।*



ଓଡ଼ିଶା ମାଟିରେ ବିଦେଶୀ ଫଳର ସମ୍ଭାର। ଘରର ବାରିପଟେ ଭର୍ତ୍ତି ପେନ୍ଥା ପେନ୍ଥା ସବୁଜ ଅଙ୍ଗୁର। କଟକ ବଡ଼ମ୍ବା ବ୍ଲକ ଓଗାଳପୁର ଗାଁରେ ଦେଖିବାକୁ ମିଳିଛି ଏଭଳି ଦୃଶ୍ୟ। ଏହାକୁ ଚମତ୍କାର କରି ଦେଖାଇଛନ୍ତି ସ୍ଥାନୀୟ ଅଞ୍ଚଳର ଯୁବକ ସୁଶାନ୍ତ ଭୋଳ। ପେସାରେ ଜଣେ ରାଜମିସ୍ତ୍ରୀ ହୋଇଥିଲେ ମଧ ଚାଷ ପ୍ରତି ତାଙ୍କର ରହିଛି ଅହେତୁକ ଦୁର୍ବଳତା । କରୋନା ମହାମାରୀ ସମୟରେ ବାଙ୍ଗାଲୋରରେ ଏକ କମ୍ପାନୀ ଚାକିରୀ ଛାଡି ଗାଁକୁ ଫେରିଆସିବା ପରେ ସେ ରାଜମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ । କିନ୍ତୁ ମନରେ କିଛି ନୂଆ କରିବାର ନିଶା ତାଙ୍କୁ ସ୍ଥିର ହୋଇ ବସିବାକୁ ଦେଇନଥିଲା। ଶେଷରେ ୟୁଟ୍ୟୁବ୍ ଦେଖି ଓଡ଼ିଶାର ଜଳବାୟୁରେ ଅଙ୍ଗୁର ଚାଷ କରିବା ପାଇଁ ସେ ମନ ବଳାଇଥିଲେ। ଗତବର୍ଷ ପରୀକ୍ଷାମୂଳକ ଭାବେ ନିଜ ବାଡ଼ିରେ କିଛି ଗଛ ଲଗାଇଥିଲେ, ଯେଉଁଥିରେ ସେ ଆଜି ସଫଳ ହୋଇଛନ୍ତି।

ସୁଶାନ୍ତଙ୍କ ସଫଳତା ପଛରେ କେବଳ ନିଜର ପରିଶ୍ରମ ନାହିଁ, ବରଂ ରହିଛି ସମ୍ପୂର୍ଣ୍ଣ ପରିବାରର ସହଯୋଗ। ଚାଷ କାର୍ଯ୍ୟରେ ତାଙ୍କୁ ସବୁ ସମୟରେ ସହଯୋଗ କରୁଛନ୍ତି



ପତ୍ନୀ ପିଙ୍କି ଭୋଳ ଏବଂ ଦୁଇ ଝିଅ ଦିବ୍ୟା ଓ ଶିପ୍ରା। ଗଛଗୁଡ଼ିକୁ ରୋଗପୋକ ଦାଉରୁ ରକ୍ଷା କରିବା ପାଇଁ ସମ୍ପୂର୍ଣ୍ଣ ଜୈବିକ ପଦ୍ଧତିକୁ ଆପଣାଇଛନ୍ତି ସୁଶାନ୍ତ। ବର୍ତ୍ତମାନ ବାଡ଼ିରେ ପ୍ରାୟ ୮ଟି ଅଙ୍ଗୁର ଗଛ ଲଗାଯାଇଛି, ପ୍ରତି ଗଛରୁ ପ୍ରାୟ ୭ ରୁ ୮ କିଲୋଗ୍ରାମ ସୁଆଦିଆ ଅଙ୍ଗୁର ଫଳୁଛି।

ପ୍ରଥମ ପର୍ଯ୍ୟାୟରେ ଅନେକ ପରିମାଣର କୋଳି ତୋଳି ନିଜେ ଖାଇବା ସହ ବନ୍ଧୁବାନ୍ଧବ ଏବଂ ସାହିପଡ଼ୋଶୀଙ୍କୁ ବାଣ୍ଟି ବେଶ୍ ପ୍ରଶଂସା ସାଉଁଟିଛନ୍ତି । ଚଳିତ ବର୍ଷ 'ଚମନ ଅଙ୍ଗୁର' ଭଳି ଉନ୍ନତ କିସମର ଗଛ ଲଗାଇ ଏହାକୁ ବ୍ୟବସାୟିକ ଭିତ୍ତିରେ ବୃଦ୍ଧି କରିବାକୁ ଯୋଜନା କରିଛନ୍ତି ଏହି ଯୁବଚାଷୀ । ସାଧାରଣତଃ ଧାନ ଏବଂ ପନିପରିବା ଚାଷ ଉପରେ ନିର୍ଭର କରୁଥିବା ସ୍ଥାନୀୟ ଅଞ୍ଚଳର ଚାଷୀମାନଙ୍କ ପାଇଁ ସୁଶାନ୍ତଙ୍କ ଏହି ପ୍ରୟାସ ପ୍ରେରଣା ପାଲଟିଛି।

# ଭାସମାନ ଜଙ୍ଗଲ: କେଇବୁଲ୍ ଲାମଜାଓ ଉଦ୍ୟାନ

*ଆପଣ କେବେ ଏମିତି ଏକ ଜଙ୍ଗଲ ବିଷୟରେ ଶୁଣିଛନ୍ତି କି, ଯାହା ପାଣି ଉପରେ ଭାସୁଛି, ଏହା କୌଣସି କଳ୍ପନା ନୁହେଁ, ବରଂ ଭାରତର ମଣିପୁର ରାଜ୍ୟରେ ଥିବା ଏକ ଅଦ୍ଭୁତ ପ୍ରାକୃତିକ ଆଶ୍ଚର୍ଯ୍ୟ।*

ଆପଣ କେବେ ଏମିତି ଏକ ଜଙ୍ଗଲ ବିଷୟରେ ଶୁଣିଛନ୍ତି କି, ଯାହା ପାଣି ଉପରେ ଭାସୁଛି, ଏହା କୌଣସି କଳ୍ପନା ନୁହେଁ, ବରଂ ଭାରତର ମଣିପୁର ରାଜ୍ୟରେ ଥିବା ଏକ ଅଦ୍ଭୁତ ପ୍ରାକୃତିକ ଆଶ୍ଚର୍ଯ୍ୟ। ଏହାର ନାମ ହେଉଛି 'କେଇବୁଲ୍ ଲାମଜାଓ ଜାତୀୟ ଉଦ୍ୟାନ'। ଏହା ପୃଥିବୀର ଏକମାତ୍ର ଭାସମାନ ଜାତୀୟ ଉଦ୍ୟାନ ଭାବେ ପରିଚିତ। ଏହି ଅନନ୍ୟ ଉଦ୍ୟାନଟି ଲୋକଟାକ୍ ହ୍ରଦରେ ଅବସ୍ଥିତ। ହ୍ରଦର ପାଣି ଉପରେ ଘାସ, ମାଟି ଓ ଶୁଖିଲା ଉଦ୍ଭିଦ ମିଶି ଏକ ମୋଟା ଭାସୁଥିବା ସ୍ତର ତିଆରି କରେ। ଏହାକୁ ସ୍ଥାନୀୟ ଭାଷାରେ 'ଫୁମଡ଼ି' କୁହାଯାଏ। ତା' ଉପରେ ହିଁ ଏହି ଭାସମାନ ଜଙ୍ଗଲ ଗଢ଼ିଉଠିଛି। କେଇବୁଲ ଲାମଜାଓ ୧୯୭୭ ମସିହାରେ ଜାତୀୟ ଉଦ୍ୟାନର ମାନ୍ୟତା ପାଇଥିଲା। ଏହା ପ୍ରାୟ ୪୦ ବର୍ଗ କିଲୋମିଟର ଅଞ୍ଚଳରେ ବିସ୍ତୃତ। ଏହି ସ୍ଥାନ କେବଳ ଭାସମାନ ଭୂମି ପାଇଁ ନୁହେଁ, ବରଂ ଦୁର୍ଲଭ ବନ୍ୟପ୍ରାଣୀଙ୍କ ପାଇଁ ମଧ ପ୍ରସିଦ୍ଧ।

ଏହି ଉଦ୍ୟାନର ସବୁଠାରୁ ବଡ଼ ଆକର୍ଷଣ ହେଉଛି 'ସଙ୍ଗାଇ ହରିଣ'। ଏହା ମଣିପୁରର ରାଜ୍ୟପଶୁ ଏବଂ ଏହାର ଶେଷ ପ୍ରାକୃତିକ ଘର ହେଉଛି କେଇବୁଲ୍ ଲାମଜାଓ। ଫୁମଡ଼ିର ନରମ ଭୂମି ଉପରେ ଏହି ହରିଣ ଯେତେବେଳେ ଧୀରେ ଧୀରେ ଚାଲେ, ତାହା ନୃତ୍ୟ କରୁଥିବା ପରି ଲାଗେ। ସେଥିପାଇଁ ଏହାକୁ 'ଡ୍ୟାନ୍ସିଂ ଡିଅର' ବୋଲି ମଧ କୁହାଯାଏ। ଏଠାରେ ସଙ୍ଗାଇ ହରିଣ ବ୍ୟତୀତ ହଗ୍ ହରିଣ, ଜଙ୍ଗଲୀ ବିଲେଇ, ଜଙ୍ଗଲୀ କାଉ, ହଳଦିମୁଣ୍ଡିଆ ୱାଗଟେଲ୍, ଜଙ୍ଗଲୀ ଘୁଷୁରି ଏବଂ ମାଟିଆ ଆଣ୍ଟିଏଟର୍ ଭଳି ଅନେକ ଦୁର୍ଲଭ ପ୍ରାଣୀ ଓ ପକ୍ଷୀ ଦେଖିବାକୁ ମିଳନ୍ତି। ଏଠାରେ ହଜାେ?ରରୁ ଅଧିକ ପ୍ରଜାତିର ଜୀବଜନ୍ତୁ ଓ ପକ୍ଷୀ ବାସ କରୁଥିବାରୁ ଏହା ଜୀବ ବିବିଧତାର ଏକ ଅମୂଲ୍ୟ କେନ୍ଦ୍ର ଭାବେ ପରିଚିତ। ଏହି



ଜାତୀୟ ଉଦ୍ୟାନର ଉଦ୍ଭିଦ ସମ୍ପଦ ମଧ ଅତ୍ୟନ୍ତ ସମୃଦ୍ଧ। ଏଠାରେ ୪୫୦ରୁ ଅଧିକ ପ୍ରଜାତିର ଅର୍କିଡ୍ ଏବଂ ୧୦୦ରୁ ଅଧିକ ପ୍ରକାରର ଜଳଚର ଉଦ୍ଭିଦ ମିଳିଥାଏ। ଏହା ସହିତ ଲୋକଟାକ୍ ହ୍ରଦର ଜଳ ପରିବେଶ ଅନେକ ପ୍ରକାରର ଜଳପକ୍ଷୀଙ୍କ ପାଇଁ ଏକ ସୁରକ୍ଷିତ ଆଶ୍ରୟସ୍ଥଳ ହୋଇଛି। ଶୀତ ଋତୁରେ ବହୁ ସଂଖ୍ୟକ ପ୍ରବାସୀ ପକ୍ଷୀ ମଧ ଏଠାକୁ ଆସି ଏହି ସ୍ଥାନର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଆହୁରି ବଢ଼ାଇଥାନ୍ତି।

ସକାଳର ସୁବର୍ଣ୍ଣ ଆଲୋକ କିମ୍ବା ସନ୍ଧ୍ୟାର ଶାନ୍ତ ପରିବେଶରେ ନୌକା ଯୋଗେ ଏହି ଉଦ୍ୟାନ ଭ୍ରମଣ କରିବା ଏକ ଅନନ୍ୟ ଅନୁଭୂତି ପ୍ରଦାନ କରେ। ନୀଳ ଜଳରାଶି, ସବୁଜ ଫୁମଡ଼ି, ପକ୍ଷୀମାନଙ୍କର ମଧୁର କଳରବ ଏବଂ ବନ୍ୟପ୍ରାଣୀଙ୍କ ଦୃଶ୍ୟ ଏହି ସ୍ଥାନକୁ ଅତ୍ୟନ୍ତ ସୁନ୍ଦର କରିଥାଏ।

ତେବେ ଏହି ଅଦ୍ଭୁତ ପ୍ରାକୃତିକ ସମ୍ପଦ ଆଜି ବିଭିନ୍ନ ପରିବେଶୀୟ ସମସ୍ୟାର ସମ୍ମୁଖୀନ। ଜଳସ୍ତରର ପରିବର୍ତ୍ତନ, ପ୍ରଦୂଷଣ ଏବଂ ପରିବେଶୀୟ କ୍ଷତି ଯୋଗୁଁ ଫୁମଡ଼ିର ସ୍ୱାଭାବିକ ସ୍ଥିତି ଦୁର୍ବଳ ହେଉଛି।

## ୪ଟା ବାଜିଲେ କାହିଁକି ହୁଏ ବର୍ଷା

# ରହସ୍ୟ ଜାଣି ଚମକି ପଡିଲେ ବୈଜ୍ଞାନିକ

*ବିଶ୍ୱ ଅନେକ ଅନନ୍ୟ ଏବଂ ଆଶ୍ଚର୍ଯ୍ୟଜନକ ପାଣିପାଗ ଘଟଣା ଦେଖିଥାଏ, କିନ୍ତୁ ବିଷୁବ ରେଖା ନିକଟରେ ଘଟୁଥିବା ଏକ ଘଟଣା ବୈଜ୍ଞାନିକ ଏବଂ ସାଧାରଣ ଲୋକଙ୍କୁ ଉଭୟଙ୍କୁ ଆଶ୍ଚର୍ଯ୍ୟ କରେ। ଏହି ଅଞ୍ଚଳର କିଛି ଅଂଶରେ, ପ୍ରତିଦିନ ପ୍ରାୟ ସମାନ ସମୟରେ – ବିଶେଷକରି ଅପରାହ୍ନ ୪ଟା ସମୟରେ ହଠାତ ଘନ କଳା ମେଘ ଆକାଶକୁ ଆଚ୍ଛାଦିତ କରିଦିଏ ଏବଂ ମୁଷଳଧାରାରେ ବର୍ଷା ଆରମ୍ଭ ହୁଏ। ପାଣିପାଗ ବିଜ୍ଞାନର ଭାଷାରେ, ଏହି ଅନନ୍ୟ ଘଟଣା "୪ଟା ବର୍ଷା" ଭାବରେ ଜଣାଶୁଣା। ଯଦିଓ ଏହା ପ୍ରାରମ୍ଭରେ ଏକ ରହସ୍ୟ, ଏକ ଚମତ୍କାର କିମ୍ବା ଯାଦୁ ପରି ଶୁଭିପାରେ, ଏହା ପଛରେ ଏକ ସଠିକ ଏବଂ ଆକର୍ଷଣୀୟ ବୈଜ୍ଞାନିକ ପ୍ରକ୍ରିୟା ରହିଛି।*

ବିଷୁବ ରେଖା ହେଉଛି ପୃଥିବୀର କେନ୍ଦ୍ର ଦେଇ ଗତି କରୁଥିବା ଏକ କାଳ୍ପନିକ ରେଖା, ଯାହା ଗ୍ରହକୁ ସମାନ ଭାବରେ ଉତ୍ତର ଏବଂ ଦକ୍ଷିଣ ଗୋଲାର୍ଦ୍ଧରେ ବିଭକ୍ତ କରେ। ଏହି ଅନନ୍ୟ ଭୌଗୋଳିକ ଅବସ୍ଥିତି ଯୋଗୁଁ, ସୂର୍ଯ୍ୟଙ୍କ କିରଣ ବର୍ଷସାରା ସିଧାସଳଖ ଆଘାତ କରେ, ଯାହା ଫଳରେ ସ୍ଥିର ଭାବରେ ଉଚ୍ଚ ତାପମାତ୍ରା ଏବଂ ତୀବ୍ର ଉତ୍ତାପ ସୃଷ୍ଟି ହୁଏ। ବିଷୁବ ରେଖା ଚାରିପାଖରେ ଥିବା ବିଶାଳ ମହାସାଗର, ନଦୀ ଏବଂ ଘନ ବର୍ଷା ଜଙ୍ଗଲ ବାୟୁକୁ ନିରନ୍ତର ଆର୍ଦ୍ର ରଖେ। ଦିନ ଆରମ୍ଭରୁ ଆରମ୍ଭ ହେଉଥିବା ପ୍ରବଳ ସୂର୍ଯ୍ୟକିରଣ ଏବଂ ଉତ୍ତାପ ଦ୍ୱାରା ଚାଳିତ, ଏହି ଉତ୍ସଗୁଡ଼ିକରୁ ପାଣି ଦ୍ରୁତ ଗତିରେ ବାଷ୍ପରେ ପରିଣତ ହୁଏ ଏକ ପ୍ରକ୍ରିୟା ଯାହାକୁ ବୈଜ୍ଞାନିକ ଭାବରେ ବାଷ୍ପୀଭବନ କୁହାଯାଏ। ଦିନ ବଢ଼ିବା ସହିତ, ବାୟୁରେ ଆର୍ଦ୍ରତା କ୍ରମାଗତ ଭାବରେ ବୃଦ୍ଧି ପାଏ।

ଅପରାହ୍ନ ସୁଦ୍ଧା, ଉଷ୍ମ, ଅତ୍ୟଧିକ ଆର୍ଦ୍ର ବାୟୁ ହାଲୁକା ହୋଇଯାଏ ଏବଂ ବାୟୁମଣ୍ଡଳରେ ବହୁତ ଉଚ୍ଚତାକୁ ଉଠେ। ଉଚ୍ଚ ଉଚ୍ଚତାରେ ବାୟୁମଣ୍ଡଳର ତାପମାତ୍ରା ହ୍ରାସ ପାଇବା ସହିତ, ଏହି ଉଷ୍ମ ବାୟୁ ଥଣ୍ଡା ହେବାକୁ ଆରମ୍ଭ କରେ, ଯାହା ଫଳରେ ଏଥିରେ ଥିବା ଜଳୀୟ ବାଷ୍ପ ଛୋଟ ଛୋଟ ଜଳ ବିନ୍ଦୁରେ ପରିଣତ ହୁଏ। ବୈଜ୍ଞାନିକ ଦୃଷ୍ଟିରୁ, ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ଘନୀଭୂତ କୁହାଯାଏ। ଏହି ପ୍ରକ୍ରିୟା ପରେ, ଆକାଶରେ ଘନ, ଭାରୀ ମେଘ ସୃଷ୍ଟି ହେବା ଆରମ୍ଭ ହୁଏ। ଅପରାହ୍ନ ୩ଟାରୁ ୫ଟା ମଧ୍ୟରେ, ଏହି ମେଘ ମଧ୍ୟରେ ଜମା ହୋଇଥିବା ଜଳ ବିନ୍ଦୁ ଏତେ ଭାରୀ ହୋଇଯାଏ ଯେ ସେଗୁଡ଼ିକ



ଆଉ ବାୟୁରେ ଝୁଲି ରହିପାରିବ ନାହିଁ। ଏହି ପ୍ରାକୃତିକ ଘଟଣା ପ୍ରାୟ ଅପରାହ୍ନ ୪ଟା ସମୟରେ ଏହାର ଶୀର୍ଷରେ ପହଞ୍ଚିଥାଏ, ତା'ପରେ ପ୍ରବଳ ବର୍ଷା ଆରମ୍ଭ ହୁଏ, ତା'ପରେ ବିଜୁଳି ଏବଂ ଘଡ଼ଘଡ଼ି ସହିତ। ପ୍ରାୟ ଗୋଟିଏରୁ ଦୁଇ ଘଣ୍ଟା ପର୍ଯ୍ୟନ୍ତ ନିରନ୍ତର ବର୍ଷା ହେବା ପରେ, ପାଗ ସମ୍ପୂର୍ଣ୍ଣ ସଫା ହୋଇଯାଏ। ସ୍ଥାନୀୟ ବାସିନ୍ଦା ଏହି ନିୟମିତ ବର୍ଷାକୁ ଚାରିପାଖରେ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟକଳାପ ଯୋଜନା କରନ୍ତି। ପାଣିପାଗ ବିଜ୍ଞାନରେ, ଏହାକୁ 'ପରିବାହୀ ବର୍ଷା' କୁହାଯାଏ। ପ୍ରକୃତିର ଏହି ଅନନ୍ୟ ଏବଂ ସମୟାନୁବର୍ତ୍ତୀ ପ୍ରଦର୍ଶନ ନିୟମିତ ଭାବରେ ମୁଖ୍ୟତଃ ଆଫ୍ରିକାର କଙ୍ଗୋ ଅବବାହିକା, ଦକ୍ଷିଣ ଆମେରିକାର ଆମାଜନ ବର୍ଷାଜଳ ଏବଂ ଦକ୍ଷିଣ-ପୂର୍ବ ଏସିଆର କିଛି ଦ୍ୱୀପପୁଞ୍ଜରେ ପରିଲକ୍ଷିତ ହୁଏ।

# ଭିକ ମାଗି କୋଟିପତି !



## ଭାରତରେ ଅଛନ୍ତି ଦୁନିଆର ସବୁଠାରୁ ଧନୀ ଭିକାରୀ

ସାରା ବିଶ୍ୱରେ ଏଭଳି ଅନେକ ଲୋକ ଅଛନ୍ତି, ଯେଉଁମାନେ ଦୁଇ ଓଳି ଗଣ୍ଡେ ଖାଇବା ପାଇଁ ରାସ୍ତାରେ ଭିକ୍ଷାବୃତ୍ତି କରନ୍ତି। ଭିକାରୀ ନାଁ ଶୁଣିବା ମାତ୍ରେ ହିଁ ମନକୁ ଚିରାଫଟା ପୋଷାକ ପିନ୍ଧିଥିବା, ମଇଳା ଥିବା ଏବଂ ଫୁଟପାଥ୍ ?ରେ ଶୋଉଥିବା ଲୋକଙ୍କ କଥା ଆସିଥାଏ। ପାକିସ୍ତାନରେ ସବୁଠାରୁ ଅଧିକ ଭିକାରୀ ଦେଖାଯାନ୍ତି। କିନ୍ତୁ ଭାରତରେ ଏମିତି କିଛି ଭିକାରୀ ଅଛନ୍ତି, ଯେଉଁମାନେ ଦେଖିବାକୁ ସାଧାରଣ ଲାଗିପାରନ୍ତି; କିନ୍ତୁ ସେମାନଙ୍କ ପାଖରେ କୋଟି କୋଟି ଟଙ୍କାର ସମ୍ପତ୍ତି ରହିଛି। ଭିକ୍ଷାବୃତ୍ତି କରି ହିଁ ସେମାନେ ଏହି ଧନଦୌଲତ ଓ ସମ୍ପତ୍ତି ଗଢ଼ିଛନ୍ତି। ଆସନ୍ତୁ ଜାଣିବା ସେହି ୫ ଜଣ ଭିକାରୀଙ୍କ ବିଷୟରେ

### ଭରତ ଜୈନ

ଦେଶରେ ଜଣେ ଏମିତି ଭିକାରୀ ଅଛନ୍ତି, ଯାହାଙ୍କ ପାଖରେ କୋଟି କୋଟି ଟଙ୍କାର ସମ୍ପତ୍ତି ଅଛି। ଏହି ଭିକାରୀଙ୍କ ନାଁ ହେଉଛି ଭରତ ଜୈନ। ସେ 'ପ୍ୟାଟ୍ରୁ ବାବା' ନାମରେ ମଧ ଜଣାଶୁଣା। ସେ ମୁମ୍ବାଇର ରାସ୍ତାରେ ଭିକ୍ଷାବୃତ୍ତି କରୁଥିଲେ। ଧୀରେ ଧୀରେ ସେ ଭିକାରୀମାନଙ୍କର ଏକ ବଡ଼ ଦଳ ଠିଆ କରିଦେଲେ। ସେ ପ୍ରାୟ ୧୮,୦୦୦ ଭିକାରୀଙ୍କୁ ଭିକ୍ଷାବୃତ୍ତି କରିବାର ଟ୍ରେନିଂ ଦେଇଛନ୍ତି। ଭାରତ ତଥା ସାରା ବିଶ୍ୱର ସବୁଠାରୁ ଧନୀ ଭିକାରୀ ଭାବେ ଗଣାଯାଉଥିବା ଭରତ ଜୈନ IIM Kolkataରୁ ପାଠ ପଢ଼ିଛନ୍ତି। ତାଙ୍କ ପାଖରେ ୮ଟି ଭିଲା, ୧୦ଟି ଲକ୍‌ଜରୀ ଫ୍ଲାଟ୍, ୧୧ଟି କାର୍ ଏବଂ ୨ଟି ବଙ୍ଗଳା ରହିଛି। ମୁମ୍ବାଇରେ ତାଙ୍କର ଦୁଇଟି ଫ୍ଲାଟ୍ ଅଛି, ଯାହାର ମୂଲ୍ୟ ୧.୪ କୋଟିରୁ ୫ କୋଟି ଟଙ୍କା ବୋଲି କୁହାଯାଉଛି। ତାଙ୍କ ଘରୁ ୪୬୦ କୋଟି ଟଙ୍କା ନଗଦ ଜବତ ହୋଇଛି। ବର୍ତ୍ତମାନ ଭରତ ଜୈନ ମଧ୍ୟପ୍ରଦେଶର ଉଜ୍ଜୈନରେ ଭିକ୍ଷାବୃତ୍ତି କରୁଛନ୍ତି।

### ବାବା କାହ୍ନା ଦାସ

ବାବା କାହ୍ନା ଦାସ ଉତ୍ତର ପ୍ରଦେଶର ବୃନ୍ଦାବନରେ ଭିକ୍ଷାବୃତ୍ତି କରନ୍ତି। ମନ୍ଦିର ବାହାରେ ଭିକ୍ଷା ମାଗି ମାଗି ସେ ୭୫ ଲକ୍ଷ ଟଙ୍କା ରୋଜଗାର କରିସାରିଛନ୍ତି। ବାବା କାହ୍ନା ଦାସ ଭିକ୍ଷା ମାଗିବା ସହ କୃଷ୍ଣ ଭଜନ ମଧ ଗାଆନ୍ତି। ତାଙ୍କୁ ଅନେକ ସମୟରେ ଅଭାବୀ ଲୋକଙ୍କୁ ସାହାଯ୍ୟ କରୁଥିବାର ମଧ ଦେଖାଯାଇଛି। ରିପୋର୍ଟ ଅନୁଯାୟୀ, ବାବା କାହ୍ନା ଦାସ ଏକାକୀ ରୁହନ୍ତି ଏବଂ ତାଙ୍କର କୌଣସି ପରିବାର ନାହିଁ।

### ପପୁ କୁମାର

ବିହାରର ପାଟନା ରେଳ ଷ୍ଟେସନରେ ଭିକ୍ଷା ମାଗୁଥିବା ପପୁ କୁମାରଙ୍କ ସମ୍ପତ୍ତି ଏକ କୋଟି ଟଙ୍କାରୁ ଅଧିକ। ଏକ ସଡ଼କ ଦୁର୍ଘଟଣାରେ ସେ ଗୁରୁତର ଆହତ ହୋଇଥିଲେ ଏବଂ ଜୀବନ ବଞ୍ଚାଇବା ପାଇଁ ତାଙ୍କ ଗୋଡ଼ କାଟିବାକୁ ପଡ଼ିଥିଲା। ଏହା ପରେ ପପୁ ଭିକ୍ଷାବୃତ୍ତି ଆରମ୍ଭ କରିଥିଲେ। ଭିକ୍ଷା ମାଗି ସେ ନିଜ ଘରର ଆର୍ଥିକ ଅଭାବ ଦୂର କରିବା ସହ ପ୍ରଚୁର ସମ୍ପତ୍ତି ପ୍ରତିଷ୍ଠା କରିଛନ୍ତି। ଏବେ ତାଙ୍କ ପୁଅ ଇଂଲିଶ ମିଡିୟମ୍ ସ୍କୁଲରେ ପଢୁଛି। ପପୁ ଭିକ୍ଷାବୃତ୍ତିରୁ ମିଳୁଥିବା ଟଙ୍କାକୁ ଛୋଟ ବ୍ୟବସାୟୀମାନଙ୍କୁ ସୁଧରେ ଉଧାର ମଧ ଦିଅନ୍ତି। ପପୁଙ୍କର ଏକାଧିକ ବ୍ୟାଙ୍କ ଆକାଉଣ୍ଟ ରହିଛି।

### ସର୍ବତୀୟା ଦେବୀ

ସର୍ବତୀୟା ଦେବୀ ଭାରତର ସବୁଠାରୁ ପ୍ରସିଦ୍ଧ ମହିଳା ଭିକାରୀ ଅଟନ୍ତି। ସେ ପାଟନାରେ ରୁହନ୍ତି ଏବଂ ପ୍ରତିଦିନ ଭିକ୍ଷା ମାଗନ୍ତି। ଭିକ୍ଷାବୃତ୍ତିରୁ ସେ ଏତେ ଟଙ୍କା ରୋଜଗାର କରିଛନ୍ତି ଯେ ସେ ବାର୍ଷିକ ୩୬,୦୦୦ ଟଙ୍କା ଖଓଉ ପ୍ରିମିୟମ୍ ଭରନ୍ତି। ଭିକ୍ଷା ସେ ନିଜ ଝିଅର ବାହାଘର ମଧ କରିସାରିଛନ୍ତି। ତାଙ୍କର ନିଜସ୍ୱ ଘର ମଧ ରହିଛି। ସେ ଏହି ରୋଜଗାରରୁ ୭ଟି ତୀର୍ଥସ୍ଥାନ ଭ୍ରମଣ କରିସାରିଛନ୍ତି ଏବଂ ଥରେ ବିଦେଶ ମଧ ଯାଇଛନ୍ତି।

### ହାଜି

ହାଜି ମୁମ୍ବାଇର ରାସ୍ତାରେ ଭିକ୍ଷା ମାଗନ୍ତି। ଭିକ୍ଷାବୃତ୍ତିରୁ ତାଙ୍କର ପ୍ରତିଦିନର ରୋଜଗାର ପ୍ରାୟ ୨,୦୦୦ ଟଙ୍କା ପର୍ଯ୍ୟନ୍ତ ହୋଇଥାଏ। ପାର୍ବଣ ଋତୁ ଏବଂ ଗଣେଶ ଚତୁର୍ଥୀ ସମୟରେ ତାଙ୍କ ରୋଜଗାର ଆହୁରି ବଢ଼ିଯାଏ। ଭିକ୍ଷା ମାଗି ସେ ନିଜର ଘର ତିଆରି କରିଛନ୍ତି ଏବଂ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫ୍ଲାଟ୍ ମଧ କିଣିଛନ୍ତି। ଏହା ବ୍ୟତୀତ ହାଜିଙ୍କର ନିଜର ଏକ ଜରି କାରଖାନା ରହିଛି, ଯେଉଁଠାରେ ୧୫ ଜଣ ଲୋକ କାମ କରନ୍ତି। ତଥାପି ସେ ଭିକ୍ଷାବୃତ୍ତି ଜାରି ରଖିଛନ୍ତି।

ଭାରତରେ କେତେ ଭିକାରୀ ଅଛନ୍ତି ?

୨୦୧୧ ଜନଗଣନା ତଥ୍ୟ ଅନୁଯାୟୀ, ଭାରତରେ ମୋଟ ଭିକାରୀଙ୍କ ସଂଖ୍ୟା ୪,୧୩,୬୭୦ ଥିଲା। ସେଥିମଧ୍ୟରୁ ପୁରୁଷ ଭିକାରୀଙ୍କ ସଂଖ୍ୟା ୨,୨୧, ୬୭୩ ଏବଂ ମହିଳା ଭିକାରୀଙ୍କ ସଂଖ୍ୟା ୧,୯୧, ୯୯୭ ଥିଲା। ନିଶ୍ଚିତ ଭାବରେ ବର୍ତ୍ତମାନ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇଥିବ। ପଶ୍ଚିମବଙ୍ଗ ଏବଂ ଉତ୍ତର ପ୍ରଦେଶରେ ସବୁଠାରୁ ଅଧିକ ଭିକାରୀ ଦେଖିବାକୁ ମିଳନ୍ତି। ଏହା ପରେ ଆନ୍ଧ୍ରପ୍ରଦେଶ, ବିହାର, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନର ନମ୍ବର ଆସେ। ଦିଲ୍ଲୀ, ମୁମ୍ବାଇ, କଲକାତା କିମ୍ବା ଲକ୍ଷ୍ନୌ ଭଳି ବଡ଼ ସହରଗୁଡ଼ିକରେ ଜଣେ ଭିକାରୀ ପ୍ରତିଦିନ ୫୦୦ରୁ ୧,୦୦୦ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିପାରନ୍ତି।

# ଗୋଟିଏ ଅଟୋଗ୍ରାଫ୍ ମହାତ୍ମା ଗାନ୍ଧିଜୀ ନେଉଥିଲେ ୫ଟଙ୍କା

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ନାମ କେବଳ କହିବା ବେଳେ ଆମ ମନରେ ସରଳତା, ସତ୍ୟ ଏବଂ ଅହିଂସାର ପ୍ରତିଛବି ଉଜାଗର ହୁଏ । ତାଙ୍କ ହସ୍ତାକ୍ଷର ମଧ୍ୟ ଆମ ସମଗ୍ର ଜୀବନଶୈଳୀକୁ ପ୍ରତିଫଳିତ କରେ । ଏହା ସମ୍ପୂର୍ଣ୍ଣ ସରଳ, ସ୍ପଷ୍ଟ ଏବଂ କୌଣସି ପ୍ରକାରର ଆଡ଼ମ୍ବରହୀନ । ଆଜିର ଡିଜିଟାଲ ଯୁଗରେ, ଯେଉଁଠାରେ ହସ୍ତାକ୍ଷର କ୍ରମଶଃ ଜଟିଳ ହୋଇଗଲାଣି, ଗାନ୍ଧୀଜୀଙ୍କ ହସ୍ତାକ୍ଷର ଏକ ସ୍ମରଣକାରୀ ଭାବରେ କାର୍ଯ୍ୟ କରେ ଯେ ପ୍ରକୃତ ମହାନତା ସରଳତାରେ ନିହିତ । ଗାନ୍ଧୀଜୀ ଇଂରାଜୀରେ "ଏମ.କେ. ଗାନ୍ଧୀ" ନାମରେ ତାଙ୍କ ନାମ ଦସ୍ତଖତ କରୁଥିଲେ ।

ଗାନ୍ଧୀଜୀଙ୍କ ହସ୍ତାକ୍ଷର ସୁନ୍ଦର, ସରଳ ଏବଂ କୌଣସି ଅନାବଶ୍ୟକ ପ୍ରସ୍ଫୁଟିତ ଥିଲା । ଏହା ତାଙ୍କ ବ୍ୟକ୍ତିତ୍ୱକୁ ପ୍ରତିଫଳିତ କରୁଥିଲା । ଚିନ୍ତାଧାରାର ସ୍ପଷ୍ଟତା, ସଚ୍ଚୋଟତା ଏବଂ ସରଳତା । ତାଙ୍କ ହସ୍ତାକ୍ଷରରେ 'ଏମ' ଏବଂ 'ଜି' ଅକ୍ଷର ବିଶେଷ ଭାବରେ ପ୍ରମୁଖ ଥିଲା । ସେ ନିରନ୍ତର ଛୋଟ ଅକ୍ଷରରେ ଲେଖିଥିଲେ, ଏକ ଗୁଣ ଯାହା ତାଙ୍କ ନମ୍ରତାକୁ ଗୁରୁତ୍ୱ ଦେଉଥିଲା । ଇତିହାସବିଦମାନଙ୍କ ଅନୁସାରେ ଏବଂ handwriting.org ଏବଂ Wikipedia ଭଳି ସୂତ୍ର ଦ୍ୱାରା ନିଶ୍ଚିତ ଗାନ୍ଧୀଜୀ କେବଳ ଗୋଟିଏ ଭାଷାରେ ନୁହେଁ, ବରଂ ଅନେକ ଭାଷାରେ ଦସ୍ତଖତ କରିବାକୁ ସକ୍ଷମ ଥିଲେ । ସେ ହିନ୍ଦୀ, ଗୁଜୁରାଟୀ, ଉର୍ଦ୍ଦୁ ଏବଂ ତାମିଲ ସମେତ ବିଭିନ୍ନ ଭାଷାରେ ଦସ୍ତଖତ କରିଥିଲେ ।

ତାଙ୍କର ଦସ୍ତଖତ ଏତେ ପ୍ରସିଦ୍ଧ ହୋଇଥିଲା ଯେ ଏହା ଆଜି ପର୍ଯ୍ୟନ୍ତ ସଂଗ୍ରହାଳୟରେ ସଂରକ୍ଷିତ ଅଛି । ନୈନିତାଲର ହିମାଳୟ ସଂଗ୍ରହାଳୟ ୧୯୨୯ର ଐତିହାସିକ ଦାଣ୍ଡି ମାର୍ଚ୍ଚ ସହିତ ଜଡିତ ଏକ ଫଟୋଗ୍ରାଫରେ ତାଙ୍କର ମୂଳ ଦସ୍ତଖତ ରଖିଛି । ଏହା ପ୍ରତ୍ୟେକ ଦସ୍ତାବିଜ ପ୍ରତି ତାଙ୍କର ଗୁରୁତ୍ୱକୁ ଦର୍ଶାଏ । ଥରେ, ସେ ଏକ ଆମ୍ବିଗ୍ରାମ ଶୈଳୀରେ ଦସ୍ତଖତ କରିବାକୁ ଚେଷ୍ଟା କରିଥିଲେ । ଏକ ଡିଜାଇନ ଯାହା ଇଂରାଜୀ ଏବଂ ଦେବନାଗରୀ ଲିପି ଉଭୟରେ ପଢ଼ାଯାଇପାରିବ – ଯାହା ତାଙ୍କର ସୃଜନଶୀଳ ପ୍ରତିଭାକୁ ପ୍ରଦର୍ଶନ କରିଥିଲା ।

ଟାଇମ୍ସ ଅଫ ଇଣ୍ଡିଆ ଅନୁଯାୟୀ, ୧୯୨୦ ଦଶକରେ, ଗାନ୍ଧୀଜୀ ଅଟୋଗ୍ରାଫ୍ କରୁଥିଲେ, କିନ୍ତୁ ସେଥିରୁ ମିଳୁଥିବା ଟଙ୍କାକୁ ସେ ସର୍ବଦା ହରିଜନ ପାଣ୍ଠିକୁ ଦାନ କରୁଥିଲେ । ମୁମ୍ବାଇର ଜୁହୁ ବିଚ ସହିତ ବୁଲିବା ସମୟରେ, ଲୋକମାନେ ପ୍ରାୟତଃ ତାଙ୍କ ଅଟୋଗ୍ରାଫ ପାଇଁ ଅନୁରୋଧ କରୁଥିଲେ, ଯାହା ପାଇଁ ସେ ୫ ଟଙ୍କା ଶୁଳ୍କ ନେଉଥିଲେ । ଏହି ଅର୍ଥ ଗରିବମାନଙ୍କୁ ସାହାଯ୍ୟ କରିବା ପାଇଁ ବ୍ୟବହୃତ ହେଉଥିଲା । handwriting.org ଦ୍ୱାରା ଉଲ୍ଲେଖ କରାଯାଇଥିବା ଅନୁସାରେ, ଗ୍ରାଫୋଲୋଜିଷ୍ଟମାନେ ତାଙ୍କ ଦସ୍ତଖତକୁ ସଚ୍ଚୋଟତା ଏବଂ ଅଟଳ ଇଚ୍ଛାଶକ୍ତିର ପ୍ରତୀକ ଭାବରେ ମାନନ୍ତି । ତାଙ୍କ ଦସ୍ତଖତର ଚିତ୍ରଗୁଡ଼ିକ ସାଧାରଣ



ଡୋମେନରେ ବ୍ୟାପକ ଭାବରେ ପ୍ରଦର୍ଶିତ ହୁଏ – ୱିକିପିଡିଆରେ, ଇତିହାସ ପାଠ୍ୟପୁସ୍ତକରେ, ପୋଷ୍ଟରରେ ଏବଂ ବିଭିନ୍ନ ପ୍ରଦର୍ଶନୀରେ । ଆଜି, ଯେତେବେଳେ ଆମେ ମୁଦ୍ରା ନୋଟରେ ତାଙ୍କର ପ୍ରତିଛବି ଦେଖୁ, ଆମକୁ ମନେ ପକାଇ ଦିଆଯାଏ ଯେ ତାଙ୍କର ଦସ୍ତଖତ କେବେ ସେଥିରେ ଦେଖାଯାଇ ନଥିଲା; ତଥାପି, ତାଙ୍କର ସରଳତା ପ୍ରେରଣାର ଏକ ଅନନ୍ତ ଉତ୍ସ ଭାବରେ କାର୍ଯ୍ୟ କରି ଚାଲିବ । ମୁଦ୍ରା ନୋଟରେ କେବଳ ଗାନ୍ଧୀଜୀଙ୍କ ପ୍ରତିଛବି ଅଛି; ସରକାରୀ



ଡକ୍ୟୁମେଣ୍ଟ, ପ୍ରମାଣପତ୍ର କିମ୍ବା ସରକାରୀ କାଗଜପତ୍ରରେ ତାଙ୍କର ଦସ୍ତଖତର ବର୍ତ୍ତମାନ କୌଣସି ବ୍ୟବହାର ଦେଖିବାକୁ ମିଳେ ନାହିଁ । ଡାକ ଟିକେଟ ଏବଂ ସ୍ମାରକୀ ମୁଦ୍ରା ସାଧାରଣତଃ ତାଙ୍କ ଦସ୍ତଖତ ବଦଳରେ ତାଙ୍କ ପ୍ରତିଛବି ବହନ କରେ ।



## ପିଲାଦିନୁ ପୋଲିଓ ଆକ୍ରାନ୍ତ, ପରିବା ବିକି ପରିବାର ପୋଷୁଥିଲେ

# କମନୱେଲଥ ଗେମ୍ସରେ ରଚିଲେ ଇତିହାସ

*ଯେଉଁ ହାତ ଦିନେ ପରିବାର ପ୍ରତିପୋଷଣ ପାଇଁ ଇ-ରିକ୍ସା ଚଳାଉଥିଲା ଓ ରାସ୍ତା କଡ଼ରେ ପରିବା ବିକୁଥିଲା, ଆଜି ସେହି ହାତରେ ଚିକ୍‌ଚିକ୍ କରୁଛି ରାଜ୍ୟଗୋଷ୍ଠୀ କ୍ରୀଡ଼ାର ବ୍ରୋଞ୍ଜ ପଦକ ।*

ମଣିଷର ଇଚ୍ଛାଶକ୍ତି ଆଗରେ ହାର ମାନେ ପରିସ୍ଥିତି । ଯେଉଁ ହାତ ଦିନେ ପରିବାର ପ୍ରତିପୋଷଣ ପାଇଁ ଇ-ରିକ୍ସା ଚଳାଉଥିଲା ଓ ରାସ୍ତା କଡ଼ରେ ପରିବା ବିକୁଥିଲା, ଆଜି ସେହି ହାତରେ ଚିକ୍‌ଚିକ୍ କରୁଛି ରାଜ୍ୟଗୋଷ୍ଠୀ କ୍ରୀଡ଼ାର ବ୍ରୋଞ୍ଜ ପଦକ । ବିହାରର ପାରା-ପାୱାରଲିଫ୍ଟର ଝଣ୍ଟୁ କୁମାର ଗ୍ଲାସଗୋ ୨୦୨୬ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ପାଇଁ ପ୍ରଥମ ପଦକ ଜିତି ଏକ ନୂଆ ଇତିହାସ ରଚିଛନ୍ତି । ତାଙ୍କର ଏହି ସଫଳତା କେବଳ ତାଙ୍କ ପାଇଁ ନୁହେଁ, ବରଂ କୋଟି କୋଟି ଭାରତୀୟଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛି ।

ବିହାରର ନାଲନ୍ଦା ଜିଲ୍ଲା ହରନୌତର ଏକ ଗରିବ ପରିବାରରେ ଝଣ୍ଟୁଙ୍କ ଜନ୍ମ । ମାତ୍ର ୫ ବର୍ଷ ବୟସରେ ସେ ପୋଲିଓର ଶିକାର ହୋଇଥିଲେ, କିନ୍ତୁ ଶାରୀରିକ ଅକ୍ଷମତା ତାଙ୍କ ମନୋବଳକୁ ଭାଙ୍ଗିପାରିନଥିଲା । ପରିବାରର ଆର୍ଥିକ ଅବସ୍ଥା ଏତେ ଶୋଚନୀୟ ଥିଲା ଯେ, ଝଣ୍ଟୁଙ୍କୁ ନିଜ ବାପା-ମା'ଙ୍କ ସହ ରାସ୍ତା କଡ଼ରେ ପରିବା ବିକିବାକୁ ପଡୁଥିଲା । ଏପରିକି କୋଭିଡ୍-୧୯ ମହାମାରୀ ସମୟରେ ଯେତେବେଳେ ସବୁକିଛି ବନ୍ଦ ହୋଇଯାଇଥିଲା, ପରିବାରର ପେଟ ପୋଷିବା ପାଇଁ ସେ ଇ-ରିକ୍ସା ଚଳାଇବାକୁ ପଛାଇ ନଥିଲେ । ତାଙ୍କ ବାପା-ମା' ଆଜି ବି ନାଲନ୍ଦାରେ ପରିବା ବିକ୍ରି କରନ୍ତି ।

ପାରା-ପାୱାରଲିଫ୍ଟିଂ ଝଣ୍ଟୁଙ୍କ ଜୀବନର ମୋଡ଼ ବଦଳାଇ ଦେଇଥିଲା । ଗୁଜରାଟର ଗାନ୍ଧୀନଗରରେ ତାଲିମ ନେଉଥିବା ଝଣ୍ଟୁ ପୂର୍ବରୁ ପୁରୁଷ ୭୨ କିଲୋଗ୍ରାମ ବର୍ଗରେ ଜାତୀୟ ରେକର୍ଡ ମଧ୍ୟ ନିଜ ନାମରେ କରିସାରିଛନ୍ତି । ତାଙ୍କର କଠିନ ପରିଶ୍ରମର ଫଳ ସ୍ୱରୂପ ସେ ଆଜି ଭାରତର ଜଣେ ପ୍ରମୁଖ ପାରା-ପାୱାରଲିଫ୍ଟର ଭାବେ ଉଭା ହୋଇଛନ୍ତି ।

ଗ୍ଲାସଗୋ ୨୦୨୬ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ହେଭିୱେଟ୍ ବର୍ଗରେ ଝଣ୍ଟୁ କୁମାର ଚମତ୍କାର ପ୍ରଦର୍ଶନ କରିଥିଲେ । ସେ ନିଜର ପ୍ରଥମ ପ୍ରୟାସରେ ୧୮୧ କିଲୋଗ୍ରାମ ଏବଂ ଦ୍ୱିତୀୟ ପ୍ରୟାସରେ ୧୯୦ କିଲୋଗ୍ରାମ ଓଜନ ସଫଳତାର ସହ ଉଠାଇଥିଲେ । ସେ ମୋଟ ୧୩୦.୯ ପଏଣ୍ଟ ପାଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଶେଷ ପ୍ରୟାସରେ ସେ ୧୯୬ କିଲୋଗ୍ରାମ ପାଇଁ ଚେଷ୍ଟା କରିଥିଲେ ମଧ୍ୟ ସେଥିରେ ସଫଳ ହୋଇପାରିନଥିଲେ । ଏହି ବର୍ଗରେ ନାଇଜେରିଆର ରିଲ୍ୱାନ୍ ଇଦ୍ରିସ୍ ସ୍ୱର୍ଣ୍ଣ ଏବଂ ଇଂଲଣ୍ଡର ମାଥ୍ୟୁ ହାର୍ଡିଂ ରୌପ୍ୟ ପଦକ ଜିତିଛନ୍ତି ।

ଝଣ୍ଟୁ କୁମାରଙ୍କ ଏହି ସଫଳତା ପ୍ରମାଣ କରିଛି ଯେ, ଯଦି ମନରେ ଦୃଢ଼ ସଂକଳ୍ପ ଥାଏ, ତେବେ ଦାରିଦ୍ର୍ୟ ଓ ଶାରୀରିକ ପ୍ରତିବନ୍ଧକ କେବେ ବି ସଫଳତାର ବାଟ ଓଗାଳି ପାରିବ ନାହିଁ । ଆଜି ସେ କେବଳ ନାଲନ୍ଦା କିମ୍ବା ବିହାରର ଗର୍ବ ନୁହଁନ୍ତି, ବରଂ ସମଗ୍ର ଭାରତ ପାଇଁ ଏକ ଗୌରବ । ତାଙ୍କର ଏହି କାହାଣୀ ସଂଘର୍ଷରୁ ଶୀର୍ଷକୁ ଯିବାର ଏକ ଜ୍ୱଳନ୍ତ ଉଦାହରଣ ।

## ■ ସାଙ୍ଗ ହୋଇ ତିନିଭଉଣୀ କରୁଥିଲେ ରିଲ୍ସ

# ନିଜର କ୍ୟାମେରାମ୍ୟାନଙ୍କୁ କଲେ ଜୀବନସାଥୀ

ଗୋଟିଏ ମଣ୍ଡପ, ତିନି ଭଉଣୀ ଆଉ ଜଣେ ବର । ୟୁପିର ଏହି 'ଅଜବ ବିବାହ'କୁ ନେଇ ସୋସିଆଲ ମିଡିଆରେ ହଟଚମଟ । ସୋସିଆଲ ମିଡିଆରେ ଭାଇରାଲ ହେବା ପାଇଁ ଲୋକେ କେଉଁ ସ୍ତରକୁ ଯାଇପାରନ୍ତି, ତାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଉତ୍ତରପ୍ରଦେଶର ଅମରୋହା ଜିଲ୍ଲାରେ । ଏଠାରେ ତିନିଜଣ ଭଉଣୀ ଜଣେ ଯୁବକଙ୍କୁ ବିବାହ କରି ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି । ହସନପୁର ବିଧାନସଭା କ୍ଷେତ୍ରର ଧୋରିଆ ଗାଁରେ ଘଟିଥିବା ଏହି ଘଟଣା ଏବେ କେବଳ ଗାଁରେ ନୁହେଁ, ବରଂ ସାରା ଦେଶରେ ଚର୍ଚ୍ଚାର ବିଷୟ ହୋଇଛି ।

ଗାଁର ଜଣେ କୃଷକ ରମେଶଙ୍କ ତିନି ଝିଅ – ସରୋଜ, ସାବିତ୍ରୀ ଏବଂ ସନ୍ତୋଷ । ଅଭିଯୋଗ ଅନୁଯାୟୀ, ଏହି ତିନି ଭଉଣୀ ଚାମୁଣ୍ଡା ମନ୍ଦିରର ହବନ କୁଣ୍ଡ ନିକଟରେ ଅଗ୍ନିକୁ ସାକ୍ଷୀ ରଖି ଜଣେ ଯୁବକଙ୍କୁ ସ୍ୱାମୀ ଭାବେ ଗ୍ରହଣ କରିଛନ୍ତି । ଭିଡିଓରେ ସେମାନେ ବର ସହ ବିବାହ କରୁଥିବା, ସିନ୍ଦୂର ପିନ୍ଧୁଥିବା ଏବଂ ବରର ପାଦ ଛୁଇଁ ଆଶୀର୍ବାଦ ନେଉଥିବା ଦେଖିବାକୁ ମିଳିଛି । ବୁଧବାର ଦିନ ଏହି ଭିଡିଓ ଅପଲୋଡ୍ ହେବା ପରେ ଇଣ୍ଟରନେଟରେ ବିବାଦ ତେଜିଥିଲା । ପରେ ଏହି ଚାରିଜଣ ଏକାଠି ଆଉ ଏକ ରିଲ୍ ପ୍ରସ୍ତୁତ କରି ଏହି ବିବାହ ସତ ବୋଲି ଦାବି କରିଛନ୍ତି ।

ଏହି ଘଟଣାର ସବୁଠାରୁ ଆଶ୍ଚର୍ଯ୍ୟଜନକ ଦିଗ ହେଉଛି ଯେ, ବିବାହ ସମୟରେ ହସନପୁର ପୌରପାଳିକାର ବିଜେପି ଚେୟାରମ୍ୟାନ୍ ମଧ୍ୟ ସେଠାରେ ଉପସ୍ଥିତ ଥିଲେ । ଭିଡିଓରେ ତାଙ୍କୁ ଦେଖିବା ପରେ ଲୋକେ ପ୍ରଶ୍ନ କରିଛନ୍ତି ଯେ, ଜଣେ ଦାୟିତ୍ୱବାନ ଜନପ୍ରତିନିଧି ଏଭଳି ଏକ ଅସାମାଜିକ କାର୍ଯ୍ୟକୁ କିପରି ପ୍ରୋତ୍ସାହନ ଦେଉଛନ୍ତି ଅନ୍ୟପଟେ, ଚାମୁଣ୍ଡା ମନ୍ଦିରର ପୂଜାରୀମାନେ ଏହି ବିବାହକୁ ନେଇ ସମ୍ପୂର୍ଣ୍ଣ ଭିନ୍ନ କଥା କହିଛନ୍ତି । ସେମାନଙ୍କ ଅନୁଯାୟୀ, ମନ୍ଦିର ପରିସରରେ ଏଭଳି କୌଣସି ବିବାହ ହୋଇନାହିଁ ।



*ସୋସିଆଲ ମିଡିଆରେ ଭାଇରାଲ ହେବା ପାଇଁ ଲୋକେ କେଉଁ ସ୍ତରକୁ ଯାଇପାରନ୍ତି, ତାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଉତ୍ତରପ୍ରଦେଶର ଅମରୋହା ଜିଲ୍ଲାରେ । ଏଠାରେ ତିନିଜଣ ଭଉଣୀ ଜଣେ ଯୁବକଙ୍କୁ ବିବାହ କରି ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି ।*

# ସାହାରା ମରୁଭୂମିକୁ ଜଳବାୟୁ ପରିବର୍ତ୍ତନର ମୁକାବିଲା କରିବ 'ବିଶାଳ ସବୁଜ ପ୍ରାଚୀର'



ଆଫ୍ରିକା ବର୍ତ୍ତମାନ ସବୁଠାରୁ ମହତ୍ୱାକାଂକ୍ଷୀ ପରିବେଶଗତ ପ୍ରକଳ୍ପ ମଧ୍ୟରୁ ଗୋଟିଏ ହାତକୁ ନେଇଛି । ପଶ୍ଚିମ ଆଫ୍ରିକାରେ ସେନେଗାଲର ଆଟଲାଣ୍ଟିକ ଉପକୂଳରୁ ପୂର୍ବ ଆଫ୍ରିକାରେ ଲୋହିତ ସାଗରର ଜିବୁତି ଉପକୂଳ ପର୍ଯ୍ୟନ୍ତ ବିସ୍ତାରିତ ହୋଇଛି । ପାଖାପାଖି ୮୦୦୦ କିମି ଦୀର୍ଘ ଓ ୧୫ କିମି ଚଉଡ଼ା ଏହି ବିଶାଳ ସବୁଜ ପ୍ରାଚୀର ଉଦ୍ଦେଶ୍ୟ କେବଳ ବୃକ୍ଷରୋପଣ ନୁହେଁ, ବରଂ ଉକ୍ତ ଅଞ୍ଚଳକୁ ସବୁଜମୟ କରିବା, ଯଦ୍ଦ୍ୱାରା ସାହାରା ମରୁଭୂମିର ବିସ୍ତାର ରୋକିବା ଓ ଜଳବାୟୁ ପରିବର୍ତ୍ତନର ମୁକାବିଲା କରିବା ।

*ଆଫ୍ରିକା ବର୍ତ୍ତମାନ ସବୁଠାରୁ ମହତ୍ୱାକାଂକ୍ଷୀ ପରିବେଶଗତ ପ୍ରକଳ୍ପ ମଧ୍ୟରୁ ଗୋଟିଏ ହାତକୁ ନେଇଛି । ପଶ୍ଚିମ ଆଫ୍ରିକାରେ ସେନେଗାଲର ଆଟଲାଣ୍ଟିକ ଉପକୂଳରୁ ପୂର୍ବ ଆଫ୍ରିକାରେ ଲୋହିତ ସାଗରର ଜିବୁତି ଉପକୂଳ ପର୍ଯ୍ୟନ୍ତ ବିସ୍ତାରିତ ହୋଇଛି ।*

ଆଫ୍ରିକୀୟ ସଂଘ ୨୦୦୭ ମସିହାରୁ ଏହି ପ୍ରକଳ୍ପ ଆରମ୍ଭ କରିଛି । ସାହାରା ମରୁଭୂମି ସୀମାନ୍ତବର୍ତ୍ତୀ ବିଶାଳ ଅର୍ଦ୍ଧ-ଶୁଷ୍କ ଅଞ୍ଚଳ ସାହେଲରେ ବୃକ୍ଷରୋପଣ ସହିତ ପୁଣି ଜଙ୍ଗଲ ସୃଷ୍ଟି କରିବା, ତୃଣଭୂମି, ଚାଷଜମି ଓ ଆର୍ଦ୍ରଭୂମିର ପୁନରୁଦ୍ଧାର କରି ବିଶ୍ୱର ସବୁଠାରୁ ଜଳବାୟୁ-ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକ ମଧ୍ୟରୁ ଗୋଟିଏକୁ ପୁଣି ଜୀବନ୍ତ କରିବା ଏହାର ଲକ୍ଷ୍ୟ । ସାହେଲ ଅଞ୍ଚଳ ଦୀର୍ଘ ଦିନ ହେଲା ସମ୍ମୁଖୀନ ହେଉଥିବା ଜଳବାୟୁ ସମସ୍ୟାର ମୁକାବିଲା କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ।

ସାହେଲ ସାହାରା ମରୁଭୂମିକୁ ଦକ୍ଷିଣରେ ଥିବା ସବୁଜ ସାଭାନାଠାରୁ ପୃଥକ କରିଥାଏ । ଦଶନ୍ଧି ଧରି ସାହେଲ ଅଞ୍ଚଳ ମରୁଭୂମି ଦ୍ୱାରା ଗ୍ରାସିତ ହେଉଥିବାବେଳେ ବର୍ଷ ବର୍ଷ ଧରି ମରୁଡ଼ି, ଜମିର ଉର୍ବରତା ହ୍ରାସ ପାଇବା ଓ ଜଳବାୟୁ ପରିବର୍ତ୍ତନ ଦ୍ୱାରା ପ୍ରଭାବିତ ଥିଲା । ସାହେଲ ଅଞ୍ଚଳରେ ବସବାସ କରୁଥିବା ଲୋକମାନେ ମୁଖ୍ୟତଃ କୃଷି ଓ ପଶୁପାଳନ ଉପରେ ନିର୍ଭରଶୀଳ ଥିଲେ । କିନ୍ତୁ ଧୀରେଧୀରେ ଜମିର ଉର୍ବରତା ହ୍ରାସ ପାଇବା ଓ ବର୍ଷାର ଅନିଶ୍ଚିତତା ଯୋଗୁ କୃଷି ଉତ୍ପାଦନ ହ୍ରାସ ପାଇବା ଯୋଗୁ ଅଞ୍ଚଳରେ ଭୀଷଣ ଖାଦ୍ୟ ସଙ୍କଟ ଦେଖାଯିବା ବେଳେ ଲୋକମାନେ ଦାରିଦ୍ର୍ୟତା ମଧ୍ୟକୁ ଠେଲି ହୋଇଯାଉଥିଲେ । ଏହି ଧାରାକୁ ପରିବର୍ତ୍ତନ କରିବାକୁ ସବୁଜ ପ୍ରାଚୀର ଦ୍ୱାରା ସୁସ୍ଥ ମୃତ୍ତିକା ପୁନରୁଦ୍ଧାର, ଜମିର ଜଳଧାରଣ କ୍ଷମତା ଉନ୍ନତ କରିବା, ଉଦ୍ଭିଦ ଆବରଣ ବୃଦ୍ଧି କରିବା ଓ ଚାଷଜମିକୁ ଅଧିକ ଉତ୍ପାଦନକ୍ଷମ କରିବାକୁ ଲକ୍ଷ୍ୟ ରଖାଯାଇଛି ।

ବୃକ୍ଷ ପ୍ରାଚୀର ଜୈବ ବିବିଧତାକୁ ସୁଦୃଢ଼ କରିବ ଓ ଉତ୍ତମ ସୁଯୋଗ ସନ୍ଧାନରେ ଲୋକଙ୍କୁ ଘର ଛାଡିବାକୁ ବାଧ କରୁଥିବା ଚାପକୁ ହ୍ରାସ କରିବ ବୋଲି ମଧ୍ୟ ଆଶା କରାଯାଉଛି । ୨୦୩୦ ସୁଦ୍ଧା ପ୍ରାୟ ଇଜିପ୍ଟର ଆକାରର ୧୦୦ ନିୟୁତ ହେକ୍ଟର ଅଞ୍ଚଳରେ ନଷ୍ଟ ହୋଇଥିବା ଜମିର ପୁନରୁଦ୍ଧାର କରିବା, ବାୟୁମଣ୍ଡଳରୁ ୨୫୦ ନିୟୁତ ଟନ୍? ଅଙ୍ଗାରକାମ୍ଳ ହ୍ରାସ କରିବା, ଆଫ୍ରିକାରେ ୧୦ ନିୟୁତ ନିଯୁକ୍ତି ସୃଷ୍ଟି କରିବା, ସାହେଲ ଅଞ୍ଚଳରେ ରହୁଥିବା ଲକ୍ଷ ଲକ୍ଷ ଲୋକଙ୍କ ଖାଦ୍ୟ ସଙ୍କଟ ଓ ଜୀବନଜୀବିକା ଉନ୍ନତ କରିବା ।

ଏହି ପ୍ରକଳ୍ପକୁ ୨୦ରୁ ଅଧିକ ଆଫ୍ରିକୀୟ ଦେଶ, ଆନ୍ତର୍ଜାତିକ ସଙ୍ଗଠନ, ଡେଭେଲପମେଣ୍ଟ ବ୍ୟାଙ୍କ ଓ ପରିବେଶବିତଙ୍କ ଗୋଷ୍ଠୀ ସମର୍ଥନ କରୁଛନ୍ତି । ପ୍ରକଳ୍ପ ଶେଷ ହେବାକୁ ଆହୁରି ଅନେକ ଦିନ ବାକି ଥିଲେ ମଧ୍ୟ ଅନେକ ଦେଶରେ ଏହା ସଫଳ ହେବାରେ ଲାଗିଛି । ଏହି ପ୍ରକଳ୍ପ ଅଧୀନରେ ସେନେଗାଲ ୧୦ ଲକ୍ଷରୁ ଅଧିକ ବୃକ୍ଷରୋପଣ କରିଛି । ଇଥିଓପିଆ, ନାଇଜେରିଆ, ନାଇଜର ଏ ଦିଗରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି । ଏପର୍ଯ୍ୟନ୍ତ ପ୍ରାୟ ୩୦ ନିୟୁତ ହେକ୍ଟର ଜଙ୍ଗଲ ପୁନଃସ୍ଥାପିତ କରାଯାଇ ପାରିଛି । ଆଫ୍ରିକାର ବିଶାଳ ସବୁଜ ପ୍ରାଚୀର ବିଶ୍ୱର ସବୁଠୁ ବୃହତ୍ ଜଳବାୟୁ ସମ୍ପର୍କିତ କାର୍ଯ୍ୟକ୍ରମ ଭାବେ ଉଭା ହୋଇଛି । ପ୍ରାଚୀର ଲୋକଙ୍କୁ ଅଲଗା କରିବାକୁ ନିର୍ମିତ ହେଉଥିବାବେଳେ ଆଫ୍ରିକାର ଏହି ବିଶାଳ ସବୁଜ ପ୍ରାଚୀର ଭୂଭାଗକୁ ପୁନଃ ସଂଯୋଗ କରିବା, ଇକୋସିଷ୍ଟମର ପୁନରୁଦ୍ଧାର କରିବା ଓ ଲୋକଙ୍କୁ ଅଧିକ ସୁଦୃଢ଼ କରିବା ପାଇଁ ଡିଜାଇନ୍ କରାଯାଇଛି ।

# ଆଇନଜୀବୀରୁ ଅଭିନୟ ଜଗତରେ ମିତାଲି ବାରିକଙ୍କ ସଫଳ ଯାତ୍ରା





*ଆଲବମ୍ ଗୀତ ଜଗତରୁ ମିତାଲି ନିଜର ଅଭିନୟ ଯାତ୍ରା ଆରମ୍ଭ କରିଥିଲେ। 'ପ୍ରେମରେ ମୁଁ ପଡ଼ିଗଲି', 'ତୋ ସାଥିରେ', 'ଟପୋରି', 'ଅମାନିଆ ମନ' ଭଳି ଆଲବମ୍ ଗୀତରେ ଅଭିନୟ କରି ସେ ଦର୍ଶକଙ୍କ ନଜରକୁ ଆସିଥିଲେ। ଏହି ପ୍ରାରମ୍ଭିକ ପର୍ଯ୍ୟାୟ ତାଙ୍କୁ ଆଗକୁ ବଢ଼ିବା ପାଇଁ ନୂଆ ପ୍ରେରଣା ଦେଇଥିଲା।*

**ଭୁବନେଶ୍ୱର:** ପେସାରେ ଜଣେ ଆଇନଜୀବୀ, ହେଲେ ମନରେ ଅଭିନୟ ପ୍ରତି ଅସୀମ ଭଲପାଇବା। ଆଇନ ପେସା ସହିତ ଅଭିନୟର ଦୁନିଆରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ଗଢ଼ି ପାରିଛନ୍ତି ଅଭିନେତ୍ରୀ ମିତାଲି ବାରିକ। ଅଭିନୟର ଯାଦୁ ତାଙ୍କୁ ଏତେ ଆକର୍ଷିତ କରିଥିଲା ଯେ, ସେ ଏହି କଳାକୁ ନିଜ ଜୀବନର ଅନ୍ୟତମ ଅଂଶ କରିନେଇଛନ୍ତି।

ଆଲବମ୍ ଗୀତ ଜଗତରୁ ମିତାଲି ନିଜର ଅଭିନୟ ଯାତ୍ରା ଆରମ୍ଭ କରିଥିଲେ। 'ପ୍ରେମରେ ମୁଁ ପଡ଼ିଗଲି', 'ତୋ ସାଥିରେ', 'ଟପୋରି', 'ଅମାନିଆ ମନ' ଭଳି ଆଲବମ୍ ଗୀତରେ ଅଭିନୟ କରି ସେ ଦର୍ଶକଙ୍କ ନଜରକୁ ଆସିଥିଲେ। ଏହି ପ୍ରାରମ୍ଭିକ ପର୍ଯ୍ୟାୟ ତାଙ୍କୁ ଆଗକୁ ବଢ଼ିବା ପାଇଁ ନୂଆ ପ୍ରେରଣା ଦେଇଥିଲା।

ଅଭିନୟ କ୍ଷେତ୍ରରେ ପାଦ ରଖିବା ପୂର୍ବରୁ ମିତାଲି ବିଭିନ୍ନ ଘରୋଇ ଚ୍ୟାନେଲର ପ୍ରତିଯୋଗିତାମୂଳକ କାର୍ଯ୍ୟକ୍ରମରେ ମଧ୍ୟ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। 'ରଜ କୁଇନ୍', 'ରଜ ସୁନ୍ଦରୀ' ଭଳି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସେ ଦର୍ଶକଙ୍କ ନିକଟତର ହୋଇଥିଲେ। ପରବର୍ତ୍ତୀ ସମୟରେ ଓଡ଼ିଆ ଟେଲିଭିଜନ୍ ଧାରାବାହିକ ଜଗତରେ ମିତାଲିଙ୍କ ଯାତ୍ରା ଆରମ୍ଭ ହୋଇଥିଲା। 'କନ୍ୟାଦାନ', 'ତୁ ଖରା ମୁଁ ଛାଇ', 'ଓଢଣୀ' ଭଳି ଲୋକପ୍ରିୟ ଧାରାବାହିକରେ ନିଜର ଅଭିନୟ ଦକ୍ଷତା ଦେଖାଇ ସେ ଓଡ଼ିଶାର ଦର୍ଶକଙ୍କ ମନ ଜିଣିବାରେ ସଫଳ ହୋଇଛନ୍ତି। ଆଇନଜୀବୀ ଭାବେ ଦାୟିତ୍ୱ ତୁଲାଇବା ସହ ଅଭିନୟକୁ ସମାନ ଗୁରୁତ୍ୱ ଦେବା ମିତାଲିଙ୍କ ବହୁମୁଖୀ ପ୍ରତିଭାର ପରିଚୟ। ନିଜର ପରିଶ୍ରମ, ଆତ୍ମବିଶ୍ୱାସ ଓ ଅଭିନୟ ପ୍ରତି ଭଲପାଇବା ତାଙ୍କୁ ଓଡ଼ିଆ ମନୋରଞ୍ଜନ ଜଗତରେ ଏକ ଭିନ୍ନ ପରିଚୟ ଦେଇଛି। ଆଗାମୀ ଦିନରେ ମିତାଲି ଆହୁରି ନୂଆ ଚରିତ୍ର ଓ ନୂଆ ପ୍ରକଳ୍ପ ମାଧ୍ୟମରେ ଦର୍ଶକଙ୍କୁ ମନୋରଞ୍ଜନ ଯୋଗାଇବେ ବୋଲି ଆଶା କରାଯାଉଛି।

# 'ଜନ ନାୟଗନ୍' ବିଜୟଙ୍କ ଶେଷ ଫିଲ୍ମ ନୁହେଁ, ପ୍ରଥମ






ଚେନ୍ନାଇ: ଦକ୍ଷିଣ ଭାରତୀୟ ସୁପରଷ୍ଟାର ବିଜୟଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଜନ ନାୟଗନ୍' ମୁକ୍ତିଲାଭ ପୂର୍ବରୁ ଚର୍ଚ୍ଚାରେ ରହିଛି। ଏହି ସମୟରେ ଫିଲ୍ମର ନିର୍ଦ୍ଦେଶକ ଏଚ୍. ବିନୋଦଙ୍କ ଏକ ବୟାନ ରାଜନୈତିକ ଓ ସିନେମା ମହଲରେ ଆଲୋଡ଼ନ ସୃଷ୍ଟି କରିଛି। ସେ କହିଛନ୍ତି, 'ଜନ ନାୟାଗନ୍'କୁ ବିଜୟଙ୍କ ଶେଷ ଫିଲ୍ମ ଭାବେ ନୁହେଁ, ବରଂ ମୁଖ୍ୟମନ୍ତ୍ରୀ ବିଜୟଙ୍କ ପ୍ରଥମ ଫିଲ୍ମ ଭାବେ ଦେଖିବା ଉଚିତ।

ଏକ ସାକ୍ଷାତକାରରେ ବିନୋଦ କହିଛନ୍ତି ଯେ ଏହା କେବଳ ଏକ ବାଣିଜ୍ୟିକ ମସଲା ଫିଲ୍ମ ନୁହେଁ, ବରଂ ଗଣତନ୍ତ୍ର, ଶାସନ ବ୍ୟବସ୍ଥା ଓ ରାଜନୀତିକୁ କେନ୍ଦ୍ର କରି ନିର୍ମିତ ଏକ ଗଭୀର କାହାଣୀ। ତାଙ୍କ କହିବାନୁସାରେ, ଫିଲ୍ମଟି ଗଣତନ୍ତ୍ରକୁ ଦୁର୍ବଳ କରିବାକୁ ଚାହୁଁଥିବା ଶକ୍ତି ଏବଂ ଏହାକୁ ସୁରକ୍ଷା ଦେଉଥିବା ଲୋକଙ୍କ ମଧ୍ୟର ସଂଘର୍ଷକୁ ଉପସ୍ଥାପନ କରିଛି। ଏହା ମୁକ୍ତିଲାଭ ପରେ ଏକ ବଡ଼ ରାଜନୈତିକ ବିତର୍କ ସୃଷ୍ଟି କରିପାରେ ବୋଲି ସେ ଦାବି କରିଛନ୍ତି। ବିନୋଦ କହିଛନ୍ତି ଯେ ପ୍ରାୟ ଦୁଇ ଘଣ୍ଟାର ଏହି ଫିଲ୍ମର ପ୍ରାୟ ୩୦ ମିନିଟ୍ ଅଂଶ ଦର୍ଶକଙ୍କୁ ଦୀର୍ଘ ସମୟ ଧରି ଚିନ୍ତା କରିବାକୁ ବାଧ୍ୟ କରିବ। ସେ ଏହା ମଧ୍ୟ ପ୍ରକାଶ କରିଛନ୍ତି ଯେ ଏହି କାହାଣୀ ପ୍ରଥମେ ଅନ୍ୟ ଜଣେ ପ୍ରମୁଖ ଅଭିନେତାଙ୍କୁ ଶୁଣାଯାଇଥିଲା। କିନ୍ତୁ ଏହା ରାଜନୈତିକ କାହାଣୀ ବୋଲି ଜାଣିବା ପରେ ସେହି ଅଭିନେତା ଫିଲ୍ମ କରିବାକୁ ଆଗ୍ରହ ପ୍ରକାଶ କରି ନଥିଲେ।

ନିର୍ଦ୍ଦେଶକଙ୍କ ମତରେ, 'ଜନ ନାୟାଗନ୍' କେବଳ ରାଜନୀତିକୁ ନୁହେଁ, ବରଂ ଡ୍ରୋନ୍ ?, ଆଧୁନିକ ଅସ୍ତ୍ରଶସ୍ତ୍ର ଓ ନୂତନ ପ୍ରଯୁକ୍ତି ଆଧାରିତ ଯୁଦ୍ଧର ବାସ୍ତବ ଚିତ୍ରକୁ ମଧ୍ୟ ପରଦାରେ ଉପସ୍ଥାପନ କରିବ। ସେ ୟୁକ୍ରେନ ଯୁଦ୍ଧ ଓ ଇରାନ-ଆମେରିକା ଉତ୍ତେଜନାକୁ ଉଦାହରଣ ଭାବେ ଉଲ୍ଲେଖ କରିଛନ୍ତି। ଫିଲ୍ମର ମୁକ୍ତିଲାଭକୁ ନେଇ ସେ ନିଜେ ମଧ୍ୟ ଉଦ୍ବେଗରେ ଥିବା କହିଛନ୍ତି। ତାଙ୍କ କହିବାନୁସାରେ, ଫିଲ୍ମଟିର ମୁକ୍ତିଲାଭ ଅନେକ ଥର ସ୍ଥଗିତ ହୋଇଛି ଏବଂ ବର୍ତ୍ତମାନ ଏହା ଏକ ସମ୍ବେଦନଶୀଳ ପରିସ୍ଥିତିରେ ଦର୍ଶକଙ୍କ ସାମ୍ନାକୁ ଆସୁଛି। ଫିଲ୍ମକୁ 'ଏ' ସାର୍ଟିଫିକେଟ୍ ମିଳିଥିବାରୁ ୧୮ ବର୍ଷରୁ କମ୍ ବୟସର ଦର୍ଶକ ଦେଖିପାରିବେ ନାହିଁ ବୋଲି ସେ ଦୁଃଖ ପ୍ରକାଶ କରିଛନ୍ତି।

# ଜିମ୍ବାୱେ ବିପକ୍ଷ ଟି୨୦ ମ୍ୟାଚକୁ ମୂଳପୋଛ କଲା ଭାରତ



**ହରାରେ:** ତୃତୀୟ ତଥା ଅନ୍ତିମ ଟି୨୦ ସହିତ ଜିମ୍ବାୱେ ବିପକ୍ଷରେ ଭାରତ ଶୃଙ୍ଖଳା ମୂଳପୋଛ କରିଛି। ଭାରତ ପ୍ରଥମ ମ୍ୟାଚ୍‌କୁ ୭ୱିକେଟ୍ ଏବଂ ଦ୍ୱିତୀୟ ମୁକାବିଲାରେ ୯୦ରନ୍‌ରେ ବିଜୟ ହାସଲ କରିଥିଲା। ତୃତୀୟ ମ୍ୟାଚ୍‌ରେ ୩୫ ରନ୍‌ରେ ବିଜୟୀ ହୋଇଛି। ହରାରେ ସ୍ପୋର୍ଟସ କ୍ଲବରେ ରବିବାର ଟି୨୦ ଶୃଙ୍ଖଳାର ତୃତୀୟ ମୁକାବିଲାରେ ଭାରତ ଉଭୟ ବ୍ୟାଟିଂ ଏବଂ ବୋଲିଂରେ ଦମଦାର ପ୍ରଦର୍ଶନ କରିଛି। ୧୯୩ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଘରୋଇ ଦଳ ୨୦ ଓଭରରେ ୭ଟି ୱିକେଟ୍ କରି ୧୫୭ ରନ୍ କରିପାରିଛି।

ଜିମ୍ବାୱେ ପାଇଁ ରାୟନ ବୁର୍ଲ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ଅର୍ଦ୍ଧଶତକ ହାସଲ କରିଥିଲେ। ୱେସଲି ମାଧେବୀରା ୨୮ ରନ୍ ବେନ୍ କୁରାନ ୨୦ ରନ୍ ଏବଂ ଡ୍ରିନ ମେୟର୍ସ ୧୯ ରନ୍ କରିଥିଲେ। ଅନ୍ୟ ବ୍ୟାଟରମାନଙ୍କର ପ୍ରଦର୍ଶନ ନୈରାଶ୍ୟଜନକ ଥିଲା। ମୟଙ୍କ ଅଗ୍ରୱାଲ ଏବଂ ଯଶ ଠାକୁର ୨ଟି ଲେଖାଏଁ ଅକ୍ତିଆର କରିଥିଲେ। ଅଶୋକ ଶର୍ମା ଏବଂ ରବି ବିଷ୍ଣୋୟୀଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଥିଲା।

ଟସ୍ ଜିଣି ଭାରତ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଶ୍ରେୟସ ଆୟରଙ୍କ ନେତୃତ୍ୱରେ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୫ଟି ୱିକେଟ୍ ହରାଇ ୧୯୨ ରନ୍ ସଂଗ୍ରହ କରିଥିଲା। ଭାରତ ପାଇଁ ବୈଭବ ସୂର୍ଯ୍ୟବଂଶୀ ଏବଂ ଅଭିଷେକ ଶର୍ମା ଇନିଂସ ଆରମ୍ଭ କରିଥିଲେ। ଉଭୟ ଯୁବ ଖେଳାଳି ପ୍ରଥମ ୱିକେଟ୍ ପାଇଁ ୨୦ ରନ୍ ସଂଗ୍ରହ କରିଥିଲେ। ଏଥର ମଧ୍ୟ ଅଭିଷେକ ଶର୍ମା ଦର୍ଶକମାନଙ୍କୁ ନିରାଶ କରିଥିଲେ। ସେ ମାତ୍ର ୨ ରନ୍ ସଂଗ୍ରହ କରି ଆଉଟ୍ ହୋଇଥିଲେ। ଜିମ୍ବାୱେର ଦ୍ୱିତୀୟ ଶିକାର ହୋଇଥିଲେ ଈଶାନ କିଶନ, ଯିଏକି ଆଉଟ୍ ହେବା ପୂର୍ବରୁ ୨୬ଟି ବଲ୍ ଖେଳି ୪ଟି ଚୌକା ବଳରେ ୨୯ ରନ୍ କରିଥିଲେ।

ଭାରତ ତୃତୀୟ ୱିକେଟ୍ ଭାବେ ବୈଭବ ସୂର୍ଯ୍ୟବଂଶୀଙ୍କୁ ହରାଇଥିଲା। ବିସ୍ମୟ ବାଳକ ବୈଭବ ବ୍ୟକ୍ତିଗତ ଭାବେ ଦଳ ପାଇଁ ସର୍ବାଧିକ ରନ୍ କରିଥିଲେ। ସେ ୪୯ଟି ବଲ୍ ଖେଳି ୮ଟି ଚୌକା ଏବଂ ୪ଟି ଛକା ବଳରେ ୮୧ ରନ୍ କରିଥିଲେ। ଅଧିନାୟକ ଶେୟସ ଆୟର ୧୮ଟି ବଲ୍ ଖେଳି ୨ଟି ଚୌକା ବଳରେ ୨୭ ରନ୍ ସଂଗ୍ରହ କରିଥିଲେ।

ସେହିପରି ଜିମ୍ବାୱେ ଦ୍ୱାରା ଆଉଟ୍ ହେବା ପୂର୍ବରୁ ରିଙ୍କୁ ସିଂହ ୨୫ ରନ୍ ସଂଗ୍ରହ କରିଥିଲେ। ସେ ୧୪ଟି ବଲ୍‌ର ସାମ୍ନା କରି ୨ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ। ତିଲକ ବର୍ମା ୯ଟି ବଲ୍ ଖେଳି ଗୋଟିଏ ଛକା ସହାୟତାରେ ଅପରାଜିତ ୧୧ ରନ୍ କରିଥିଲେ। ଜିମ୍ବାୱେ ପକ୍ଷରୁ ବ୍ରାଡ୍ ଇଭାନ ସର୍ବାଧିକ ୨ଟି ୱିକେଟ୍ ଅକ୍ତିଆର କରିଥିଲେ। ସିକନ୍ଦର ରାଜା, ବ୍ଲେସିଂ ମୁଜରୱାନୀ ଏବଂ ୱେସଲି ମଧେବୀରାଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଥିଲା।

## ଡିଏସ୍‌ପି ହେଲେ ଦ୍ରୁତ ବୋଲର ଆକାଶଦୀପ ଓ ମୁକେଶ

ପାଟନା: ଭାରତୀୟ ଦ୍ରୁତ ବୋଲର ଆକାଶଦୀପ ଓ ମୁକେଶ କୁମାର ବିହାର ପୁଲିସ ବିଭାଗରେ ଉପ-ଅଧୀକ୍ଷକ (ଡିଏସ୍‌ପି) ଭାବେ ନିଯୁକ୍ତି ପାଇଛନ୍ତି। ପାଟନାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ସମାରୋହରେ ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ସେମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ବିହାର ସରକାରଙ୍କ 'ମେଡାଲ ଆଣ ନିଯୁକ୍ତି ପାଅ' ଯୋଜନା ଅଧିନରେ ସେମାନଙ୍କୁ ଏହି ନିଯୁକ୍ତି ପ୍ରଦାନ କରାଯାଇଛି। ଉଭୟ ଖେଳାଳି ଏହି ନିଯୁକ୍ତି ପାଇଁ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଏହା ବିହାରର ଯୁବ ଖେଳାଳିମାନଙ୍କୁ ଅନୁପ୍ରାଣିତ କରିବ ବୋଲି କହିଛନ୍ତି। ଏହା ପୂର୍ବରୁ ୨୦୨୪ରେ ତେଲେଙ୍ଗାନା ସରକାର ଭାରତୀୟ ଦଳର ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କୁ ଡିଏସ୍‌ପି ଭାବେ ନିଯୁକ୍ତି ପ୍ରଦାନ କରିଥିଲେ। ଆକାଶଦୀପ ଭାରତ ପାଇଁ ୧୦ ଟେଷ୍ଟ ଖେଳି ୨୮ ୱିକେଟ୍ ନେଇଥିବାବେଳେ ମୁକେଶ ୩ ଟେଷ୍ଟ ଖେଳି ୭ ୱିକେଟ୍ ନେଇଛନ୍ତି।






Executive Editor : MANMOHAN RAM
Editor : MUKESH RAM

Publish & Owned by MUKESH RAM, Bolck B-6, Hi-Tech Plaza, Apartment, Sundarpada, Po.: Kuha, Khordha, Odisha-751002
Printed at : CHANDAN PRINTERS, Plot No. -3, Gopabandhu Chhaka, Unit-8, Bhubaneswar, Khordha, Odisha-541003

ସହ ସମ୍ପାଦକ : ମନମୋହନ ରାମ
ସମ୍ପାଦକ : ମୁକେଶ ରାମ